## ହରିଶଙ୍କରରେ ବୁଲୁଛି ଚିତାବାଘ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ହରିଶଙ୍କରଠାରେ ଚିତାବାଘ ରାତିରେ ବୁଲୁଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଏହା ଜଣାପଡିଛି। ପାହାଡ଼ରେ ପୂର୍ବରୁ ଚିତାବାଘ ଥିବା ଜଣାପଡ଼ିଛି। ତେବେ ମୁଖ୍ୟ ଜନବସତି ପାଖକୁ ଆସିବାକୁ ନେଇ ହରିଶଙ୍କରରେ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ହରିଶଙ୍କରରେ ହରିଣ ପାର୍କ ଥିବାରୁ ଚିତାବାଘ ଆକ୍ରମଣ ଭୟ ରହିଛି। ଏନେଇ ହରିଶଙ୍କର ବନ ବିଭାଗ ରେଞ୍ଜ ଅଧିକାରୀ ପ୍ରଭାତୀ ସେଠଙ୍କୁ ପଚାରିବାରୁ ହରିଶଙ୍କରରେ ବିଳମ୍ବିତ ରାତିରେ ଚିତାବାଘ ବୁଲିବା ଶୁଣିଛି। ବନ ବିଭାଗ ଏଥିପ୍ରତି ସତର୍କ ଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଖପ୍ରାଖୋଲ ପଞ୍ଚାୟତ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଖପ୍ରାଖୋଲ,୨୫।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ୩ ଜଣଙ୍କ ନାମାଙ୍କନ ପତ୍ର ଯାଞ୍ଚ ପରେ



କାଏମ ରହିଥିଲା। ମଙ୍ଗଳବାର ଦୁଇ ପ୍ରାର୍ଥୀ ତରୁଲତା ଭୋଇ ଓ ବନିତା ତାଣ୍ଡି ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିନେବା ପରେ ଏବେ ବେଟିଖାଇ ସେନ୍ଦ୍ରିଆ (୬୩) ଜଣେମାତ୍ର ପ୍ରାର୍ଥିନୀ ପ୍ରତିଦ୍ୱନ୍ଦ୍ୱିତାରେ ରହିଲେ। ସରକାରୀ ଭାବେ ଘୋଷଣା କରାଯାଇ ନ ଥିଲେ ହେଁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ବେଟିଖାଇ ସ୍ୱାସ୍ଥ୍ୟ ବିଭାଗର ଏଲ୍ଏଚ୍‌ଜିବି ଭାବେ ଚାକିରିରୁ ଅବସର ପରେ ସରପଞ୍ଚ ପଦ ପାଇଁ ନାମାଙ୍କନ ଭରିଥିଲେ। ଖପ୍ରାଖୋଲ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ କାମ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଅଭିକର୍ତ୍ତା ବୃତ୍ତି ସୁରକ୍ଷା ଦିବସ ପାଳିତ

ଟିଟିଲାଗଡ଼,୨୫।୧(ଡି.ଏନ.ଏ.): ଭାରତୀୟ ଜୀବନ ବୀମା ନିଗମ ଟିଟିଲାଗଡ ଶାଖା ଅଭିକର୍ତ୍ତା ସଂଘ ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଜାତୀୟ ଅଭିକର୍ତ୍ତା ବୃତ୍ତି ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବୁଲବୁଲ ମେହେରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଟିଟିଲାଗଡ ଓ କଣ୍ଟାବାଞ୍ଜି ଶାଖାର ବରିଷ୍ଠ ଅଭିକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମହାମାରୀ କରୋନାରେ ପ୍ରାଣ ହରାଇଥିବା ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ଦ୍ୱାରିକାନାଥ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ ସଂଘର ସାଧାରଣ ଅଧିବେଶନ ଫେବୃୟାରୀ ୧୩ ତାରିଖରେ ବଙ୍ଗୋମୁଣ୍ଡାଠାରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ଅଭିକର୍ତ୍ତାଙ୍କ ସ୍ୱାର୍ଥପ୍ରତି ସଂଘ ସଜାଗ ରହି ଲଢ଼େଇ ଜାରି ରଖିବାକୁ ସଂଘ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଆୟୋଜିତ ଏହି ସଭାରେ ସମ୍ବଲପୁର ମଣ୍ଡଳ ଉପସଭାପତି ବୈକୁଣ୍ଠ ମେହେର, ସହସମ୍ପାଦକ ସନ୍ତୋଷ ପୁରୋହିତ, ଟିଟିଲାଗଡ ଶାଖା ସମ୍ପାଦକ ନାରାୟଣ ରଣା, ଉପସଭାପତି ସୁଶାନ୍ତ ମିଶ୍ର, ସୁନ୍ଦରମନ ସାହା, ଜଗଦୀଶ ବେହେରା ଉପସ୍ଥିତ ଥିଲେ।

### ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଚିଚୈଗୁଡ଼ା ସରପଞ୍ଚ

ଜୁନାଗଡ,୨୫।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ମଙ୍ଗଳବାର ପରମେଶ୍ୱର ମେହେର ନିର୍ବାଚିତ ହୋଇଥିବା ଜଣାପଡିଛି।



ଚଳିତ ପଞ୍ଚାୟତ ନିର୍ବାଚନରେ ଚିଚୈଗୁଡା ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ପରମେଶ୍ୱର ଓ ହେମନ୍ତ ମେହେର ୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ଦିନ ରହିଥିବାବେଳେ ସରପଞ୍ଚ ପ୍ରାର୍ଥୀ ଥିବା ହେମନ୍ତ ମେହେର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ । ଫଳରେ ପରମେଶ୍ୱର ଚିଚୈଗୁଡାର ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ଯେ, ଗତ ଥର ପରମେଶ୍ୱରଙ୍କ ସ୍ତ୍ରୀ ସୁଧିରା ମେହେର ଚିଚୈଗୁଡା ସରପଞ୍ଚ ରହିଥିବା ବେଳେ ଏଥର ବିଜେଡି ପକ୍ଷରୁ ତାଙ୍କୁ ସ୍ଥାନୀୟ ଜୋନ୍‌ରେ ଜିଲା ପରିଷଦ ପ୍ରାର୍ଥିନୀ ଭାବେ ଟିକେଟ୍ ଦିଆଯାଇଛି।

### ଜାତୀୟ ମତଦାତା ଦିବସ ପାଳିତ

ବୌଦ୍ଧ,୨୫।୧(ସ୍ୱ.ପ୍ର): ବୌଦ୍ଧ ଜିଲାରେ ଦ୍ୱାଦଶ ମତଦାତା ଦିବସ ଟାଉନ ହଲଠାରେ ପାଳିତ ହୋଇଛି । ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ସତନ କୁମାର ନାଏକ ଡେପୁଟି କଲେକ୍ଟର ଅବନୀକାନ୍ତ ସାହୁ ଉପସ୍ଥିତ ଥିଲେ। ମତଦାତା ଦିବସ ଅବସରରେ ଜିଲା ନିର୍ବାଚନ ଅଧିକାରୀ ନୂତନ ମତଦାତା, ବୁଥ ସ୍ତରୀୟ ଅଧିକାରୀ ଓ ଉପସ୍ଥିତ ଅତିଥିମାନଙ୍କୁ ଶପଥ ପାଠ କରାଇଥିଲେ। ଜିଲାରେ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିବା କୁଇଜ, ପୋଷ୍ଟର ତିଆରି, ସ୍ଲୋଗାନ ଲେଖା ଓ ଫେନ୍ସି ଡ୍ରେସ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନୂତନ ଭୋଟଦାତାମାନଙ୍କୁ ନୂତନ ଭୋଟର କାର୍ଡ ପ୍ରଦାନ କରାଯାଇଥିଲା । ବୁଥସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଡେମୋ ଦେଖାଇଲେ ୩ ଅଭିଯୁକ୍ତ

ବଲାଙ୍ଗୀର ଅଫିସ,୨୫।୧

## ଅନ୍ତର୍ଦ୍ଦେଶୀୟ ମୋବାଇଲ ଲୁଟେରା ଗ୍ୟାଙ୍ଗ୍

■ ନେପାଳ ସୀମାରୁ ଲୁଟେରାଙ୍କୁ କାବୁ କରିଥିଲା ପୋଲିସ

ନେପାଳ-ଭାରତ ସୀମା ବିହାରରେ ଚଢ଼ାଉ କରି ଚୋରି ମୋବାଇଲ ଉଦ୍ଧାର କରିବା ସହ ଅନ୍ତର୍ଦ୍ଦେଶୀୟ ଲୁଟେରା ଗ୍ୟାଙ୍ଗ୍‌ର ତିନି ସଦସ୍ୟଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ଏସ୍‌ପି ନୀତିନ କୁଶଲକର ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସବିଶେଷ ସୂଚନା ଦେଇଥିଲେ। ମଙ୍ଗଳବାର ଅପରାହ୍ନରେ ଗିରଫ ତିନି ଅଭିଯୁକ୍ତ ପୋଲିସ ଉପସ୍ଥିତିରେ ଏହି ବଡ଼ଧରଣର ମୋବାଇଲ ଲୁଟ୍‌ର ଡେମୋ ଦେଖାଇଥିଲେ।

ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କ ତତ୍ତ୍ୱାବଧାନରେ ଗିରଫ ଅଭିଯୁକ୍ତ ବିହାର ପ୍ରଦେଶ ରୋହତକ ଜିଲା ଦେହରୀ ଥାନା ଅନ୍ତର୍ଗତ ରୁଦ୍ରପରା ଗ୍ରାମର କନ୍ହେୟା କୁମାର (୫୦), ପୂର୍ବ ଚମ୍ପାରଣ ଜିଲା ଘୋଡ଼ାସାହାନ ଥାନାର ଆଠମୁହାନ୍ ଗ୍ରାମର ମେରାଜ୍ ଅନ୍‌ସାରୀ (୫୦) ଓ କୌସାର ଆଲମ୍ (୨୦) ରମାଇ ଟକିଜ୍ ନିକଟ ମୋବାଇଲ ଷ୍ଟୋର୍‌ରୁ କିଭଳି ଲୁଟ୍ କରିଥିଲେ ତା'ର ଡେମୋ ଦେଖାଇଥିଲେ। ସେମାନେ ସ୍ଥାନୀୟ ଏକ ଲଜ୍‌କୁ ଆସି ରହିଥିଲେ। ପରେ ଉକ୍ତ ଦୋକାନ ସମ୍ମୁଖର ଗତିବିଧି ଲକ୍ଷ୍ୟ କରିଥିଲେ। ଗତ ୧୪ ତାରିଖ ବିଳମ୍ବିତ ରାତିରେ ପ୍ରଥମେ ସେମାନେ ସିସିଟିଭି କ୍ୟାମେରା ଭାଙ୍ଗି ତା'ର ଡିଭିଆର ଉପାଡ଼ି ଦେଇଥିଲେ। କଟର ସହାୟତାରେ ଷ୍ଟଲ୍‌ର ତାଲା କାଟି ଭିତରକୁ ପଶି ମୋବାଇଲ ଲୁଟ୍ କରିଥିବାର ଡେମୋ ଅଭିଯୁକ୍ତମାନେ ଦେଖାଇଥିଲେ। ଏହି ଲୁଟ୍ ପରେ ସେମାନେ ନିକଟସ୍ଥ ଏକ ଡ୍ରେନ୍‌ରେ କିଭଳି ଡିଭିଆର, ସିସିଟିଭି କ୍ୟାମେରା ଫିଙ୍ଗିଲେ ସେନେଇ ମଧ୍ୟ କହିଥିଲେ। ଲୁଟ୍ ପରେ ସେମାନେ ଏକ ବସ୍‌ରେ ବରଗଡ଼, ସମ୍ବଲପୁର, ରାଉରକେଲା ଦେଇ ଝାଡ଼ଖଣ୍ଡ ଓ ପରେ ବିହାର ପଳାଇଥିଲେ। ପ୍ରକାଶ ଯେ, ଗତ ୧୪ ତାରିଖ ରାତିରେ ବଲାଙ୍ଗୀର ରମାଇ ଟକିଜ୍ ନିକଟ ଏକ ମୋବାଇଲ ଷ୍ଟୋର୍‌ରୁ ଲୁଟେରାମାନେ ଅଭିନବ ଢଙ୍ଗରେ ପ୍ରାୟ ୫୦ଲକ୍ଷ ଟଙ୍କାର ମୋବାଇଲ ଚୋରିକରି ନେଇଥିଲେ, ଯେଉଁଥିରେ ପ୍ରାୟ ୧୮୦ଟି ଦାମୀ ମୋବାଇଲ ଥିଲା। ୧୫ ତାରିଖ ସକାଳେ ଦୋକାନ ମାଲିକ ଶୋଭାକର ମେହେର ଷ୍ଟଲ୍ ଖୋଲିବାକୁ ଆସିବା ପରେ ଲୁଟ୍ ହୋଇଥିବା ଜଣାପଡିଥିଲା। ବଲାଙ୍ଗୀର ପୋଲିସ ବିହାରର ନେପାଳ ସୀମାକୁ ଯାଇ ୧୧୩ଟି ଚୋରି ମୋବାଇଲ ଉଦ୍ଧାର କରିବା ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରି ଏଠାକୁ ଆଣିଥିଲା।



ମୋବାଇଲ ଲୁଟେରାମାନେ ଲୁଟ୍ ଘଟଣାର ଡେମୋ ଦେଖାଉଛନ୍ତି।

# ୧୨ତମ ମତଦାତା ଦିବସ ପାଳିତ

ନୂଆପଡ଼ା ଅଫିସ,୨୫।୧

ନୂଆପଡ଼ାସ୍ଥିତ ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସର ମାରାଗୁଡା ମଣ୍ଡପରେ ୧୨ତମ ମତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟଅତିଥି, ଧର୍ମଗଡ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଶିବ ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଉପଜିଲାପାଳ ତରଣୀସେନ ନାଏକ, ଜିଲାପାଳ ପ୍ରତିନିଧି ଲୋପାମୁଦ୍ରା ସାମଲ, ସଦର ତହସିଲଦାର ଦେବେନ୍ଦ୍ର ରାଉତ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲାରେ ୬୦୩ଜଣ ବିଏଲଓ ଏବଂ ୬୦ଜଣ ନିରୀକ୍ଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ବଳରେ ମତଦାତା ତାଲିକା ସଂଶୋଧନ ପ୍ରକ୍ରିୟାରେ ନୂଆପାଡା ଜିଲା ରାଜ୍ୟରେ ଶ୍ରେଷ୍ଠ ପରିଦର୍ଶନ କରିପାରିଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଓ ଉପଜିଲାପାଳ ତରୁଣୀସେନ ନାଏକଙ୍କୁ ପୁରସ୍କୃତ କରିଛନ୍ତି। ଏହା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ। ମତଦାତା ଦିବସରେ ଜିଲାର ୯ଜଣ ବିଏଲଓ ଏବଂ ୫ଜଣ ନିରୀକ୍ଷକଙ୍କୁ ପୁରସ୍କୃତ କରାଯିବା ସହିତ ୨୦ଜଣ ମତଦାତାଙ୍କୁ ନୂତନ ପରିଚୟପତ୍ର କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭୁଦତ ମିଶ୍ର, ପ୍ରଦୀପ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଖଡିଆଳ ଡିଏଫଓ କାର୍ଯ୍ୟାଳୟ ସମ୍ମୁଖରେ କିରାଣିମାନେ ଧାରଣାରେ ବସିଛନ୍ତି।

ନୂଆପଡ଼ା ଅଫିସ,୨୫।୧

## ରେଞ୍ଜରଙ୍କ ଗିରଫ ଦାବିରେ କଲମ ଛାଡ଼ ଆନ୍ଦୋଳନ

ନୂଆପଡ଼ା ଜିଲା ଖଡିଆଳ ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟର ଜଣେ ଆକାଉଣ୍ଟାଣ୍ଟଙ୍କୁ ସଦର ରେଞ୍ଜର ଦୁର୍ବ୍ୟହାର ପ୍ରଦର୍ଶନ କରିବା ସହ ମାଡ ମାରିବା ପାଇଁ ଉଦ୍ୟମ କରିଥିଲେ। ଏ ନେଇ ଖଡିଆଳ ଥାନାରେ ଅଭିଯୋଗ ହୋଇଛି। ଖଡିଆଳ ଥାନାରେ ଦଫା ୩୪୧,୨୯୪, ୫୩୫, ୫୦୬ରେ ଏକ ମାମଲା (ନଂ. ୨୧/୨୨) ରୁଜୁ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବିଭାଗୀୟ କିରାଣିମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର କିରାଣୀ ସଂଘ ପକ୍ଷରୁ ଖଡିଆଳ ଡିଏଫଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ନୂଆପଡା ରେଞ୍ଜର ବିନିତା ଭୋଇଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ସହିତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ରେଞ୍ଜରଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ରାଜରସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି କିରାଣୀମାନେ ଚେତାବନୀ ଦେଇଛନ୍ତି। ପ୍ରାପ୍ତ ସୂଚନାନୁସାରେ ନୂଆପଡା ବନାଞ୍ଚଳ ରେଞ୍ଜର ବିନିତା ଭୋଇ ଗତ ୨୧ ତାରିଖରେ ସରକାରୀ କାର୍ଯ୍ୟରେ ଖଡିଆଳ ଗସ୍ତ କରିଥିଲେ। ଖଡିଆଳ ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଭାବେ ରାମଧର ଚଲାନ କାର୍ଯ୍ୟ କରୁଥିଲେ। ସେଠାରେ ରେଞ୍ଜର ବିନିତା କୌଣସି କଥାକୁ ନେଇ ଉତ୍ତ୍ୟକ୍ତ ହୋଇ ଆକାଉଣ୍ଟାଣ୍ଟଙ୍କୁ ଦୁର୍ବ୍ୟହାର ପ୍ରଦର୍ଶନ କରିବା ମାଡ ମାରିବା ପାଇଁ ଉଦ୍ୟମ କରିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ବିବାହିତା ଝିଅ ମୃତ

କୋକସରା,୨୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁନଗାଁରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବିବାହିତା ଝିଅଙ୍କ ମୃତ୍ୟୁ ଘଟିଛି। ମୃତକା ହେଲେ ରମଣି ଶବର (୨୫)। ସୂଚନା ଅନୁସାରେ, ଡୁନଗାଁର ରମଣିଙ୍କୁ ଧର୍ମଗଡ ବ୍ଲକ ବଡ଼ବସୁଲ ଗ୍ରାମର ଶଙ୍କର ଶବର ବିବାହ କରିଛନ୍ତି। ତାଙ୍କର ୨ ପୁଅ ମଧ୍ୟ ଅଛନ୍ତି। ସେ କୁଣ୍ଡାବରୀ ଉତ୍ସବରେ ଯୋଗଦେବା ପାଇଁ କିଛିଦିନ ତଳେ ଡୁନଗାଁକୁ ଆସିଥିଲେ। ରମଣିଙ୍କ ମା'ବାପା ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଛନ୍ତି। ତାଙ୍କ ସ୍ୱାମୀ ମଧ ବ୍ୟାଣ୍ଡ ପାର୍ଟିରେ କାମ କରିବାକୁ ଯାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ରମଣି ଘର ଓଳାଉଥିବା ସମୟରେ ହଠାତ ଘର ଭିତରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି କୋକସରା ହସ୍ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋକସରା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ବୁଧବାର ଶବ ବ୍ୟବଚ୍ଛେଦ କରାଯିବା ବୋଲି କୋକସରା ଥାନା ଅଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି।

# ବରଗଡ଼, ବଲାଙ୍ଗୀର ଗ୍ରୀଡ୍ ସବ୍‌ଷ୍ଟେସନରେ ମରାମତି, ୨୭ରେ ବିଦ୍ୟୁତ୍ କାଟ

ସମ୍ବଲପୁର,୨୫।୧(ବ୍ୟୁରୋ)

ଓପିଟିସିଏଲ୍ ୧୩୨/୩୩ କେଭି ବରଗଡ ଓ ବଲାଙ୍ଗୀର ଗ୍ରୀଡ୍ ସବ୍‌ଷ୍ଟେସନରେ ଆସନ୍ତା ୨୭ ତାରିଖରେ ବାର୍ଷିକ ମରାମତି କାର୍ଯ୍ୟ ହେବ। ସେଥିପାଇଁ ଉକ୍ତ ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ବରଗଡ ଓ ବଲାଙ୍ଗୀର ପଶ୍ଚିମ ବିଦ୍ୟୁତ୍ ଡିଭିଜନ ଅଧୀନ ପାଟଣାଗଡ, ଥାକପଡା, ଖପ୍ରାଖୋଲ, ଲାଠୋର, ବେଲପଡା, ଖୁଣ୍ଟ, ଜରିଆ, ଟେଣ୍ଡାପଥର, ଘୁମେର, ଧୁମାଭଟା, ଲରମ୍ବାବାହାଲ, ପଦମପୁର ଟାଉନ, ଗାଇସିଲେଟ, ବୋଡେନ, ବରିକେଲ, ବାଦିକଣ୍ଟା, ସିଲେଟପାଲି, ଜାମଟାଲ, ଡଙ୍ଗାଛାଁଛ, ଲେବିଡି, ଫରିଙ୍ଗିମାଲ, ବୁରୋମୁଣ୍ଡା, ତାଲପାଲି, ପାଇକମାଲ, ଝାରବନ୍ଧ, ମାନଭୋସିଲ, ଝିଟକି, ଡୋଭା ଓ ଡୁଙ୍ଗୁରିପାଲି ଅଞ୍ଚଳ ପ୍ରଭାବିତ ହେବ। ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

# ଜିଲା ପ୍ରଶାସନ ପକ୍ଷରୁ ଜରୁରିକାଳୀନ ମକ୍‌ଡ୍ରିଲ



ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜରୁରିକାଳୀନ ମକ୍‌ଡ୍ରିଲ କାର୍ଯ୍ୟକ୍ରମ।

ଭବାନୀପାଟଣା,୨୫।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜରୁରିକାଳୀନ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାସ୍ତାରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ରାସାୟନ ବୋଝେଇ ଗାଡ଼ି ଦୁର୍ଘଟଣା ହୋଇ ଅଗ୍ନିକାଣ୍ଡ ହେଲେ କିପରି ଉଦ୍ଧାର କରାଯିବ ସେ ନେଇ ମକଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଗ୍ନିଶ୍ରମ ବାହିନୀର କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ ଆମ୍ବୁଲାନ୍ସ, ପୋଲିସର ରେସ୍କ୍ୟୁ ଟିମ ଭାଗ ନେଇ ଏକ ପେଟ୍ରୋଲ ଟ୍ୟାଙ୍କର ପାଖରେ ନିଆଁ ଲଗାଯାଇ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ମକଡ୍ରିଲ୍ର ଉଦ୍ଦେଶ୍ୟ ଦହନଶିଳ ପଦାର୍ଥ ନେଇ ଯାଉଥିବା ଗାଡ଼ି ଦୁଘର୍ଟଣା ହେଲେ କିଭଳି ଗାଡ଼ି ଡ୍ରାଇଭରଙ୍କୁ ତଥା ନିକଟରେ ଥିବା ଧନ ଜୀବନକୁ ସଙ୍ଗେ ସଙ୍ଗେ ରକ୍ଷା କରାଯାଇ ପାରିବ ତାହା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା, ଡେପୁଟି ଡାଇରେକ୍ଟର ଫାକ୍ଟି ଏଣ୍ଡ ବଏଲର୍ସ ସ୍ୱରୂପ ଜେନା, ଏମ.ଓ ଶ୍ରୀ ରାମ ମହାନ୍ତି, ଡିଆଇପିଆର୍‌ଓ ମନୋଜ ବେହେରା, ଏଏଫଓ ବିଶନାଥ ମୁଣ୍ଡା, ଡେପୁଟି କଲେକ୍ଟର ରେଭନ୍ୟୁ ବିଜ୍ଞାନ କୁମ୍ଭାର, ଜିଏମ ଡିଆଇସି ଦୀପକ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ରାସ୍ତାରେ ଦୁର୍ଘଟଣା ଘଟିଲେ ଜିଲା ପ୍ରଶାସନ ଓ ନିକଟବର୍ତ୍ତୀ ଶିଳ୍ପ ଅନୁଷ୍ଠାନ ସହଯୋଗରେ କିପରି ସଙ୍କଟକୁ ନିୟନ୍ତ୍ରଣ କରାଯାଇ ପାରିବ, ସେଥିପାଇଁ ସମସ୍ତ ସଦସ୍ୟ ନିଜ ମତ ଦେଲେ। ଡିଆଇପିଆରଓ ମନୋଜ ବେହେରା ଧନ୍ୟବାଦ ଦେଇଥିଲେ।

# ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ



ସ୍କୁଲଗେଟ୍ ଆଗରେ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

ଲୋଇସିଂହା,୨୫।୧(ଡି.ଏନ.ଏ.)

## ସରକାରୀ ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦର ପ୍ରତିବାଦ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆଁପାଲି ପଞ୍ଚାୟତ ଅନ୍ତର୍ଗତ ଅମରାମୁଣ୍ଡା ଗାଁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଛେଦ କରି ଲକ୍ଷ୍ମଣପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶାଇ ଦିଆଯାଇଛି । ଏହାକୁ ନେଇ ଅମରାମୁଣ୍ଡା ଗ୍ରାମବାସୀ ଗଣଶିକ୍ଷା ବିଭାଗ ବିରୋଧରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏବେ ଆସିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏହି ସ୍ଥିତିରେ ସ୍କୁଲ ପୁନଃ ନ ଖୋଲିବା ଯାଏ ସେମାନେ ଭୋଟ ଦେବେ ନାହିଁ ବୋଲି ମଙ୍ଗଳବାର ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ହେଲା ୧୯୫୪ ନଭେମ୍ବର ୧୧ରେ ପ୍ରତିଷ୍ଠିତ ଅମରାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ଥିଲା। ୨ଜଣ ଶିକ୍ଷକ ନିୟୋଜିତ ଥିବାବେଳେ ୩୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ହେଲେ ଆବଶ୍ୟକ ଛାତ୍ର ନ ଥିବା ଦର୍ଶାଇ ସ୍କୁଲକୁ ଗାଁଠାରୁ ୧କିମି ଦୂର ଲକ୍ଷ୍ମଣପାଲି ସ୍କୁଲ ସହ ମିଶ୍ରଣ କରାଯାଇଛି। ଏହାକୁ ବେଆଇନ କହି ଗ୍ରାମବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ନ୍ୟାୟ ନ ମିଳିବା ଯାଏ ପଞ୍ଚାୟତ ନିର୍ବାଚନ ବର୍ଜନ କରାଯିବ ବୋଲି ବେଣୁଧର ପଧାନ, ଦେବେନ୍ଦ୍ର ମହାକୁର, ଈଶ୍ୱର ସାହୁ, ସୁଦାମ ସାହୁଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଗଛମୂଳେ ମିଳିପାରିବ ଗୁଣାତ୍ମକ ଶିକ୍ଷା

ବରଗଡ଼ ଅଫିସ୍,୨୫।୧

ଶିକ୍ଷା ବିନା ପ୍ରଗତି ଅସମ୍ଭବ। ଗ୍ରାମାଞ୍ଚଳରେ ସବୁପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନର ଆବଶ୍ୟକତା ରହିଛି। ମାତ୍ର ଏପର୍ଯ୍ୟନ୍ତ ଏହା ସମ୍ଭବ ହୋଇପାରିନାହିଁ। ବରଗଡ଼ ସାମ୍ବାଦିକ ସଂଘ ପରିସରରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଏହା କହିଛନ୍ତି। ଏହି କ୍ରମରେ ଚଳିତ ପଞ୍ଚାୟତ ଭୋଟରେ ସମସ୍ତ ପ୍ରାର୍ଥୀ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଠିକ୍ ରୂପାୟନ ପାଇଁ ଏକ ଶପଥପତ୍ର ସର୍ବସାଧାରଣଙ୍କୁ ପ୍ରଦାନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ଚଳିତ ପଞ୍ଚାୟତ ନିର୍ବାଚନରେ ଅନେକ ଶିକ୍ଷିତ ପ୍ରାର୍ଥୀ ରହିଛନ୍ତି। ସେମାନେ ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ ଗୁରୁତ୍ୱ ଦେଇ ବନ୍ଦ ସ୍କୁଲ ଖୋଲିବା ଦିଗରେ ପ୍ରୟାସ କରିବେ ବୋଲି ଭଟ୍ଟ ଆଶା ପ୍ରକଟ କରିଛନ୍ତି। ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମୋ ସ୍କୁଲ, ଆଦର୍ଶ ସ୍କୁଲ କିମ୍ବା ସ୍ମାର୍ଟସ୍କୁଲ ଖୋଲିଲେ ଶିକ୍ଷାର ବିକାଶ ହୋଇ ପାରିବନାହିଁ। ଏକ ଗଛମୂଳରେ ପଢ଼ି ମଧ୍ୟ ଜଣେ ପିଲା ଗୁଣାତ୍ମକ ଶିକ୍ଷା ପାଇ ଉଚ୍ଚଶିକ୍ଷିତ ହୋଇପାରିବ ବୋଲି ଭଟ୍ଟ କହିଥିଲେ। ସରକାର ସେହି ସବୁ ଯୋଜନାରେ ସୁଧାର ଆଣିବାର ଆବଶ୍ୟକତା ରହିଛି। ଏହି କ୍ରମରେ ମହାସଂଘର ସମସ୍ତ ପ୍ରତିନିଧି ଏ ପ୍ରସଙ୍ଗରେ ବିଭିନ୍ନ ରାଜନୈତିକ ଦଳର ଜିଲା ସଭାପତିଙ୍କୁ ଅପିଲ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ମହାସଂଘର ବରଗଡ଼ ଜିଲା ଆବାହକ ବିମଳ କୁମାର ଦାଶ, ସାଧାରଣ ସମ୍ପାଦକ ଶିବରାମ ନାୟକ, ଭୁବନେଶ୍ୱର ଜିଲା ଆବାହକ ପ୍ରଦୀପ୍ତ ମିଶ୍ର, ବରଗଡ଼ ଜିଲା ସମ୍ପାଦକ ସୁଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ବିକାଶ ପାଇଁ ସର୍ବସାଧାରଣ ଶପଥପତ୍ର ଦିଅ

ବଲାଙ୍ଗୀର ଅଫିସ,୨୫।୧




ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା ଅଭିଭାବକ ମହାସଂଘ କର୍ମକର୍ତ୍ତା।

## ଓଡ଼ିଶା ଅଭିଭାବକ ମହାସଂଘର ଖବରଦାତା ସମ୍ମିଳନୀ

ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରାର୍ଥୀମାନେ ସେମାନଙ୍କ ଶିକ୍ଷା ବିକାଶ ସମ୍ବନ୍ଧୀୟ ସର୍ବସାଧାରଣ ଶପଥ ପତ୍ର ପ୍ରଦାନ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା। ଏହି ସମ୍ମିଳନୀରେ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ, ରାଜ୍ୟ ବରିଷ୍ଠ ଉପଦେଷ୍ଟା ଗୋପାଳଜୀ ପାଣିଗ୍ରାହୀ, ବଲାଙ୍ଗୀର ଆବାହକ ଚକ୍ରପାଣି ମିଶ୍ର, ସାଧାରଣ ସମ୍ପାଦକ ଶିବରମେ ନାୟକ, ଭୁବନେଶ୍ୱର ଜିଲା ଆବାହକ ପ୍ରଦୀପ୍ତ ମିଶ୍ର, ରାଜ୍ୟ ସମ୍ପାଦକ ମହାମାୟା କର, ଚିତ୍ତରଞ୍ଜନ ବେହେରା ଉପସ୍ଥିତ ଥିଲେ। ଶିକ୍ଷା ବିନା ପ୍ରଗତି ଅସମ୍ଭବ। ଗ୍ରାମାଞ୍ଚଳରେ ସବୁପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ହେଉନାହିଁ। ଏଣୁ ଚଳିତ ପଞ୍ଚାୟତ ନିର୍ବାଚନରେ ଓହ୍ଲାଉଥିବା ସମସ୍ତ ପ୍ରାର୍ଥୀ ସେମାନଙ୍କ ଶିକ୍ଷା ବିକାଶ ସମ୍ବନ୍ଧୀୟ ସର୍ବସାଧାରଣ ଶପଥ ପତ୍ର ପ୍ରଦାନ କଲେ ସେମାନଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବାକୁ ଜନସାଧାରଣଙ୍କଠାରେ ମହାସଂଘ ଅପିଲ କରିବ ବୋଲି କହିଥିଲେ। ଓଡିଶାରେ ୮୭୫୦ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ବନ୍ଦ ହୋଇଯାଇଛି। ବଲାଙ୍ଗୀର ଜିଲାରେ ପ୍ରାୟ ୨୫୪ ସ୍କୁଲ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ସ୍କୁଲ ଖୋଲବା ଦିଗରେ ପ୍ରାର୍ଥୀମାନେ ସର୍ବସାଧାରଣ ଶପଥ ପତ୍ରରେ ଘୋଷଣା କରିବାକୁ ମହାସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଭୋଟ ଗଣତି କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

ସଇଁତଲା,(ଡି.ଏନ.ଏ.): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଇଁତଲା ବ୍ଲକର ଭୋଟ ଗଣତି ପ୍ରଥମ କରି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ମଙ୍ଗଳବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଳକର, ପିଡ଼ି ସୁଶାନ୍ତ ସିଂ, ଟିଟିଲାଗଡ଼ ଏସ୍‌ଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ, ବିଡ଼ିଓ ଚନ୍ଦ୍ରମଣୀ ନାଗ, କଲେଜ ଅଧ୍ୟକ୍ଷ ଶିବପ୍ରସାଦ ବିଶ୍ୱାଳଙ୍କ ଉପସ୍ଥିତିରେ ନୂତନ ଭାବରେ ହେଉଥିବା ଭୋଟ ଗଣତି କେନ୍ଦ୍ର ସର୍ବେକ୍ଷଣ କରିଥିଲେ। ସଇଁତଲା ବ୍ଲକର ୨୨ ପଞ୍ଚାୟତର ୨୭୨ ଭୋଟଦାନ କେନ୍ଦ୍ରରେ ୮୫ହଜାର ୧୮୮ ମତଦାତା ମତାଧିକାର ସାବ୍ୟସ୍ତ କରିବେ। ସେହିଭଳି ଏହି ବ୍ଲକର ୩ଜିଲା ପରିଷଦ ଜୋନ ରହୁଥିବା ଯୋଗୁଁ ୨୬, ୨୭ ଓ ୨୮ ତାରିଖ ତିନିଦିନ ଧରି ଭୋଟ ଗଣତି ଚାଲିବ ବୋଲି ଗ୍ରାମ ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନ କହିଛନ୍ତି।

# ସଂକ୍ଷେପରେ

## କର୍ଲାମୁଣ୍ଡା ବ୍ଲକ: ୨ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**କର୍ଲାମୁଣ୍ଡା,୨୫।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରାଜପୁର ଓ ସାପଲହରା ପଞ୍ଚାୟତର ୨ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବୁଧବାର ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ରାଜପୁର ପଞ୍ଚାୟତ ସରପଞ୍ଚ ଭାବେ କୌଶଲ୍ୟା ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପଞ୍ଚାୟତ ପାଇଁ ତିନି ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ଶେଷ ଦିବସରେ ଅନ୍ୟ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିବାରୁ ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସାପଲହରା ପଞ୍ଚାୟତ ସରପଞ୍ଚ ଭାବେ ରାଜେଶ୍ୱରୀ ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପଞ୍ଚାୟତ ପାଇଁ ୪ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୩ ଜଣ ପ୍ରାର୍ଥୀ ପ୍ରତ୍ୟାହାର କରିବାରୁ ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତ ନିର୍ବାଚନରେ ମଧ ଏହି ପଞ୍ଚାୟତ ସରପଞ୍ଚ ଭାବେ ପୃଥ୍ୱିରାଜ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

## ଯୋଗୀସର୍ଡା ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଲୋଇସିଂହା,୨୫।୧(ଡି.ଏନ.ଏ):** ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ସରପଞ୍ଚ ଭାବେ ବିଜୁଳି ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଏହାକୁ ମିଶାଇ ସେ ୪ର୍ଥ ଥର ପାଇଁ ଉକ୍ତ ପଞ୍ଚାୟତର ସରପଞ୍ଚଭାବେ ନିର୍ବାଚିତ ହେବେ। ୨୦୦୨, ୨୦୦୭ ଓ ୨୦୧୨ରେ ଲଗାତର ତିନିଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିବା ବିଜୁଳି ୨୦୧୭ରେ ପରାଜୟର ସମ୍ମୁଖୀନ ହୋଇଥିଲେ। ସରକାରୀଭାବେ ଘୋଷଣା ହୋଇ ନ ଥିଲେ ହେଁ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତରେ ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷିତ ସରପଞ୍ଚ ପଦ ପୁଣି ଥରେ ସେ ହାତେଇ ନେଇଛନ୍ତି। ଚଳିତ ଥର ପଧାନଙ୍କ ସମେତ ୬ ଜଣ ପ୍ରାର୍ଥି ନାମାଙ୍କନ ଭରିଥିଲେ। ହେଲେ ନମିତା ପଧାନ, କୁନ୍ତି ନନ୍ଦ, ରୀତାଞ୍ଜଳି ପଧାନ, ଲକ୍ଷ୍ମୀପ୍ରିୟା ମିଶ୍ର ଏବଂ ନିର୍ମାଲ୍ୟ କୁମାରୀ ମିଶ୍ର ସେମାନଙ୍କ ପ୍ରାର୍ଥିପତ୍ର ମଙ୍ଗଳବାର ପ୍ରତ୍ୟାହାର କରି ନେବା ପରେ ପଧାନଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।



## ସମିତି ସଭ୍ୟ ପ୍ରାର୍ଥିନୀଙ୍କ ଅକାଳ ବିୟୋଗ

**ନୂଆପଡ଼ା ଅଫିସ,୨୫।୧:** ନୂଆପଡା ଜିଲା ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀନୀଙ୍କ ଅକାଳ ବିୟୋଗ ହୋଇଥିବା ଜଣାପଡିଛି। ସେ ଚନ୍ଦୁଟମାଲ ଗାଁର ତ୍ରିନାଥ ଶବରଙ୍କ ସ୍ତ୍ରୀ ତୁଳସା ଶବର (୨୫)। ସୋମବାର ତୁଳସା ହଠାତ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ପ୍ରଥମେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତୁଳସାଙ୍କ ସ୍ୱାମୀ ତ୍ରିନାଥ ଶବର ୩ ମାସ ପୂର୍ବରୁ ନିଜ ମା' ସହିତ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବା ପାଇଁ ଯାଇଛନ୍ତି। ଖଡିଆଳ ବ୍ଲକ ଅରେଡା ପଞ୍ଚାୟତରେ ସମିତି ସଭ୍ୟ ପଦବୀ ମହିଳାମାନଙ୍କ ପାଇଁ ସଂରକ୍ଷିତ ଥିବାରୁ ତୁଳସା ଜଣେ ଶିକ୍ଷିତ ମହିଳା ହୋଇଥିବାରୁ ଗାଁ ଓ ପଞ୍ଚାୟତବାସୀଙ୍କ ସମର୍ଥନକ୍ରମେ ସମିତି ସଭ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ନିର୍ବାଚନରେ ତୁଳସାଙ୍କ ବିପୁଳ ସମର୍ଥନ ରହିଥିଲା। ନିର୍ବାଚନରେ ବିଜୟ ସୁନିଶ୍ଚିତ ବୋଲି ମନେ କରାଯାଉଥିଲା। ତୁଳସା ଶବରଙ୍କ ଅକାଳ ବିୟୋଗରେ ଚନ୍ଦୁଟମାଲ ସମେତ ଜିଲାରେ ଶୋକରଛାୟା ଖେଳି ଯାଇଛି।



# ଜିଲା ପରିଷଦ ସଭାପତି ପଦ ହାତେଇବାକୁ କସରତ

ସୋନପୁର,୨୫।୧(ନି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କଲେଣି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ତାଲିକା ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଜିଲା ପରିଷଦ ସଭାପତି ଆସନ ଅଣସଂରକ୍ଷିତ ଥିବାରୁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କସରତ ଆରମ୍ଭ ହୋଇଛି। ୧୯୯୭ରୁ ୨୦୧୭ ପଞ୍ଚାୟତ ନିର୍ବାଚନ ମଧ୍ୟରେ ତତ୍କାଳୀନ ଜନତା ଦଳ ଥରେ ଭାଜପା ୨ ଥର ଓ ବିଜେଡିକୁ ୨ଥର ଜିଲା ପରିଷଦ ସଭାପତି ଆସନ ମିଳିଛି। ଜିଲା ପରିଷଦ ଗଠନ ହେବାଠାରୁ କଂଗ୍ରେସ ଥରେ ହେଲେ ଏହି ଆସନ ପାଇ ପାରିନାହିଁ। ୧୯୯୭ ଜିଲା ପରିଷଦ ନିର୍ବାଚନରେ ଜନତା ଦଳ ୬ଟି, କଂଗ୍ରେସ ୪ଟି, ଭାଜପା ୨ଟି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଆସନ ମିଳିଥିଲା। ଜନତା ଦଳ ଜିଲା ପରିଷଦ ଗଠନ କରିଥିଲା। ୨୦୦୨ ନିର୍ବାଚନରେ କଂଗ୍ରେସ ୬ଟି, ଭାଜପା ୪ଟି, ବିଜେଡି ୩ଟି ଆସନ ପାଇଥିଲେ। ଭାଜପା ଜିଲା ପରିଷଦ ସଭାପତି ପଦ ହାତେଇ ଥିଲା। ଗତ ୨୦୦୭ ନିର୍ବାଚନରେ ବିଜେଡିକୁ ୯ଟି, ଭାଜପା ୩ଟି, କଂଗ୍ରେସକୁ ଗୋଟିଏ ଜିଲା ପରିଷଦ ଆସନ ମିଳିଥିଲା। ବିଜେଡି ଜିଲା ପରିଷଦ ଗଠନ କରିଥିଲା। ୨୦୧୨ ନିର୍ବାଚନରେ ବିଜେଡିକୁ ଏକତରଫା ଭାବରେ ୧୨ଟି ଜିଲା ପରିଷଦ ଆସନ ମିଳିଥିବା ବେଳେ କଂଗ୍ରେସକୁ ଗୋଟିଏ ଆସନ ମିଳିଥିଲା। ଭାଜପା ଖାତା ଖୋଲି ପାରି ନଥିଲା। ବିଜେଡି ଜିଲା ପରିଷଦ ଗଠନ କରିଥିଲା। ୨୦୧୭ ନିର୍ବାଚନରେ ଭାଜପାକୁ ଅପ୍ରତ୍ୟାଶିତ ଭାବେ ୧୦ଟି ଜିଲା ପରିଷଦ ଆସନ ମିଳିଥିବା ବେଳେ ବିଜେଡିକୁ ୩ଟି ଜିଲା ପରିଷଦ ଆସନ ମିଳିଥିଲା। ଭାଜପା ଜିଲା ପରିଷଦ ଗଠନ କରିଥିଲା। ଗତ ୨୦୧୭ ନିର୍ବାଚନରେ କଂଗ୍ରେସ କୌଣସି ଗୋଟିଏ ହେଲେ ଜିଲା ପରିଷଦ ଆସନରେ ଆଖିଦୃଶିଆ ଭୋଟ ପାଇ ପାରି ନଥିଲା। ନିର୍ବାଚନ ପ୍ରଚାର ଆରମ୍ଭ ହୋଇଥିଲେ ମଧ ତିନି ପ୍ରମୁଖ ରାଜନୈତିକ ଦଳର କିଏ ଜିଲା ପରିଷଦ ସଭାପତି ହେବେ ତାହା ସ୍ପଷ୍ଟ କରାଯାଇନି। ତେବେ ଶାସକ ଦଳରେ ଆଶାୟୀଙ୍କ ସଂଖ୍ୟା ଅଧିକ ଅଛନ୍ତି। ଜିଲା ପରିଷଦ ସଭାପତି ଆସନ ଅଣସଂରକ୍ଷିତ ଥିବାରୁ ଏଥର ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେବ ବୋଲି ଚର୍ଚ୍ଚା ଚାଲିଛି।

**ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷ ତାଲିକା**

| ମସିହା | ନାମ | ଦଳ |
|---|---|---|
| ୧୯୯୭-୨୦୦୨ | ଅନିଲ କଲାୟତ | ଜନତା ଦଳ |
| ୨୦୦୨-୨୦୦୭ | ଆନନ୍ଦ ବାରିକ | ଭାଜପା |
| ୨୦୦୭-୨୦୧୨ | ପୁଷ୍ପା କଣ୍ଟା | ବିଜେଡି |
| ୨୦୧୨-୨୦୧୭ | ହିମାଂଶୁ ଶେଖର ବିଶ୍ୱାଳ | ବିଜେଡି |
| ୨୦୧୭-୨୦୨୨ | ଉଷା କୁମାରୀ | ଭାଜପା |

## ନିର୍ବାଚନ ସ୍ଥିତି ପରଖିଲେ ଜିଲାପାଳ, ଏସ୍‌ପି



ଦେଓଗାଁ ବ୍ଲକ ପରିସରରେ ଜିଲାପାଳ, ଏସ୍‌ପି।

ଦେଓଗାଁ,୨୫।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ନିର୍ବାଚନ ସ୍ଥିତି ପରଖିବା ପାଇଁ ମଙ୍ଗଳବାର ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ନୀତିନ କୁଶଲକର ଦେଓଗାଁ ବ୍ଲକ ଗସ୍ତରେ ଆସିଥିଲେ। ପୂର୍ବାହ୍ନ ୧୦ଟାରେ ବ୍ଲକ କାର୍ଯ୍ୟାଳୟରେ ଉଭୟ ଅଧିକାରୀ ପହଞ୍ଚି ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା ସହ ବର୍ତ୍ତମାନର ସ୍ଥିତି ଉପରେ ସମୀକ୍ଷା କରିଥିଲେ । ପଞ୍ଚାୟତଗୁଡ଼ିକର ସ୍ଥିତି ଓ ନିର୍ବାଚନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ପଞ୍ଚାୟତ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେନେଇ ବ୍ଲକ ପ୍ରଶାସନ ଓ ପୋଲିସ ସହ ଆଲୋଚନା କରିଥିଲେ । ଏସ୍‌ଡ଼ିପିଓ ତୋଫାନ ବାଗ୍, ଥାନାଧିକାରୀ ବାମଦେବ ଶଙ୍ଖୁଆଲ, ବିଡ଼ିଓ ମୁରଲୀଧର ନାଏକ, ତହସିଲଦାର ଯୁଗଲ କିଶୋର ବିଶ୍ୱାଳ, ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ୯ ଜିଲା ପରିଷଦ ଜୋନ୍‌ରେ ଲଢ଼ିବେ ୩୮ ପ୍ରାର୍ଥୀ

ବୌଦ୍ଧ, ୨୫।୧(ସ୍ୱ.ପ୍ର)

**ପାନିଗଲେ ଯଶ୍ୱିନ, ସଂଯୁକ୍ତା: ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଲେ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ବୌଦ୍ଧ ଜିଲାରେ ୩ ବ୍ଲକରେ ୯ ଜିଲା ପରିଷଦ ଜୋନ ପାଇଁ ୪୧ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜଣେ ସ୍ୱାଧୀନ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ନାକଚ ହେବା ପରେ ୪୦ ଜଣଙ୍କ ନାମାଙ୍କନ କାଏମ ରହିଥିଲା। ମଙ୍ଗଳବାର ଶେଷ ଦିବସରେ ୨ ଜଣ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପରେ ଏବେ ୯ ଜିଲାପରିଷଦ ଜୋନ ପାଇଁ ମଇଦାନରେ ୩୮ ଜଣ ରହିଛନ୍ତି। ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ପକ୍ଷରୁ ସମସ୍ତ ୯ ଜୋନରେ ପ୍ରାର୍ଥି ଦେଇଥିବା ବେଳେ ସିପିଆଇ ୨ ଜୋନରେ, ସମୃଦ୍ଧ ଓଡିଶା ଓ ଆମ ଆଦମୀ ପାର୍ଟି ଜଣେ ଲେଖାଏ ପ୍ରାର୍ଥି ଦେଇଛନ୍ତି। ଟିକେଟ ବଣ୍ଟାକୁ ନେଇ ବିଜେଡିରେ ଅସନ୍ତୋଷ ଥିବା ବେଳେ ରାଜ୍ୟସ୍ତର ନେତାଙ୍କ ହସ୍ତକ୍ଷେପ ପରେ ଅସନ୍ତୁଷ୍ଟ ପାର୍ଥିମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ ୬ନଂ ଜୋନରେ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଭରିଥିବା ଜିଲା ବିଜେଡି ମହିଳା ସଭାନେତ୍ରୀ ଯଶ୍ୱିନ ପ୍ରଧାନ ଓ ୫ନଂ ଜୋନରେ ସଂଯୁକ୍ତା ଭୋଇ।

## ଜଣେ ସମିତି ସଭ୍ୟ,୧୫୫ ୱାର୍ଡ଼ସଭ୍ୟ ନିର୍ଦ୍ୱନ୍ଦ୍ୱ

ସଇଁତଲା, ୨୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନରେ ୨୦ ସରପଞ୍ଚ ପ୍ରାର୍ଥି, ୧୧ ସମିତି ସଭ୍ୟ ପ୍ରାର୍ଥି, ୩୧ ୱାର୍ଡ଼ସଭ୍ୟ ପ୍ରାର୍ଥି ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସଇଁତଲା ବ୍ଲକର ୨୨ ପଞ୍ଚାୟତ ପାଇଁ ବର୍ତ୍ତମାନ ୯୯ ସରପଞ୍ଚ, ୮୨ ସମିତି ସଭ୍ୟ ଓ ୪୨୧ ୱାର୍ଡ଼ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆମ୍ବପାଲି ପଞ୍ଚାୟତର ସମିତି ସଭ୍ୟ ଭାବେ ବିଭିଷଣ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ବ୍ଲକର ସର୍ବମୋଟ ୧୫୫ ୱାର୍ଡ଼ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ବୀରମହାରାଜପୁର ବ୍ଲକ: ୨ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱ

ଅମରପାଲି,୨୫।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୨ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଘଟଣାଚକ୍ରରେ ଦୁଇ ଜଣ ଯାକ ମହିଳା ପ୍ରାର୍ଥିନୀ। ସେମାନେ ହେଲେ ଲୁଡୁରପଙ୍କ ପଞ୍ଚାୟତରୁ ଶାନ୍ତି ଲୁହା ଓ ସୁବଳୟାରୁ ଲିଲି ମେହେର। ସୁବଳୟାରୁ ଦୁଇଜଣ ପ୍ରାର୍ଥିନୀ ଥିଲେ। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ଜଣେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ଲିଲି ମେହେର ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି। ଲୁଡୁରପଙ୍କ ପଞ୍ଚାୟତରେ ସମାନ ସ୍ଥିତି ସୃଷ୍ଟି ହୋଇଛି। ଶାନ୍ତି ଲୁହା ହେଉଛନ୍ତି ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ନାରାୟଣ ଲୁହାଙ୍କ ଧର୍ମପତ୍ନୀ। ସରକାରୀଭାବେ ଘୋଷଣା ହୋଇ ନ ଥିଲେ ହେଁ ଉଭୟେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି।



ଶାନ୍ତି ଲୁହା।



ଲିଲି ମେହେର।

# ଗୌଡ଼ଗାଡ଼ରେ କଂଗ୍ରେସର ମିଶ୍ରଣ ପର୍ବ

ଅମରପାଲି,୨୫।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଗୌଡଗାଡ ଗ୍ରାମରେ ମଙ୍ଗଳବାର କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ମିନକେତନ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବୀରମହାରାଜପୁର ଜୋନ-୨ର କଂଗ୍ରେସର ଜିଲା ପରିଷଦ ପ୍ରାର୍ଥି ରାଜଗୋପାଳ ପାଣିଗ୍ରାହୀ, ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ଓ ଜିଲା କଂଗ୍ରେସ ସଙ୍ଗଠନ ସମ୍ପାଦକ ସୁଧିର ପଣ୍ଡା ଯୋଗଦେଇଥିଲେ। ଚଳିତ ନିର୍ବାଚନରେ କଂଗ୍ରେସ ସପକ୍ଷରେ ମତଦାନ କରି ସମର୍ଥନ କରିବାକୁ ଲୋକଙ୍କୁ ନେତୃବର୍ଗ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୌଡଗାଡର କେତେଜଣ ବ୍ୟକ୍ତି କଂଗ୍ରେସରେ ଯୋଗଦେଇଥିବା ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ପ୍ରକାଶ କରିଛନ୍ତି।



ଗୌଡଗାଡରେ ଅନୁଷ୍ଠିତ କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ ନେତୃବର୍ଗ।

## ନିର୍ବାଚନ ମଇଦାନରେ ୫୫୬ ପ୍ରାର୍ଥୀ

ପାଇକମାଳ,୨୫।୧(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନରେ ମୋଟ ୧୭ ୱାର୍ଡମେମ୍ବର, ୧୪ ସରପଞ୍ଚ, ୯ ସମିତି ସଭ୍ୟ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ୫୯୬ ଜଣଙ୍କ ମଧ୍ୟରୁ ନିର୍ବାଚନ ମଇଦାନରେ ୫୫୬ ଜଣ ପ୍ରାର୍ଥୀ ରହିଛନ୍ତି । ଏହାସହ ୧୭୨ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୧ଟି ୱାର୍ଡ ପାଇଁ ପ୍ରାର୍ଥିପତ୍ର ପଡିନାହିଁ। ମୋଟ୍ ୨୨ ପଞ୍ଚାୟତରେ ୬୯ଜଣ ସମିତି ସଭ୍ୟ, ୧୦୭ ଜଣ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପକ୍ଷେ ପାଇକମାଳ ବ୍ଲକର ୩ଟି ଜିଲା ପରିଷଦ ଆସନ ପାଇଁ ଭାଜପା, କଂଗ୍ରେସ ଓ ବିଜେଡିରୁ ୩ଜଣ ଲେଖାଏଁ ପ୍ରାର୍ଥୀ ହୋଇଛନ୍ତି।

## ୯ ସରପଞ୍ଚ, ୩ ସମିତି ସଭ୍ୟଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

ପଦ୍ମପୁର, ୨୫।୧(ଡି.ଏନ.ଏ)

ବରଗଡ଼ ଜିଲା ରାଜବୋଡାସମ୍ବର ପଦ୍ମପୁର ବ୍ଲକର ସରପଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ଖଲିଆପାଲିର ଜାହ୍ନବୀ ପଟେଲ, ବୁଡାମାଲର ଅର୍ଚ୍ଚନା ଝାଙ୍କର, କଂସରର ସବିତା ବେହେରା, କନସିଂହାର ଗୋପାଳ ସେଟ, ଆଶୀଷ ବିଶି, ବରିହାପାଲିର ସତ୍ୟବାନ ପ୍ରଧାନ, ମହୁଲପାଲିର ଝିଲି ସାହୁ, ଜ୍ଞାନର ମନୋଜ ଜାଲ, ଦହିତାର ରଶ୍ମିତା ସୁନା ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ସେହିପରି ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ଭେଡ଼ଁରିଆର କୃଷ୍ଣଚନ୍ଦ୍ର ସେଟ, ମହୁଲପାଲିର ଚମ୍ପକେଶ୍ୱର ପୁରୋହିତ, ଦହିତାର କେଶବ ସେଟ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜଣାପଡିଛି।

# ଜିଲା ପରିଷଦ ଆସନକୁ ନେଇ ଛକାପଞ୍ଝା

ବରଗଡ଼ ଅଫିସ୍,୨୫।୧

ବରଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ଭୋଟକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଚାଲିଛି। ଦଳୀୟ ଚିହ୍ନ ଭିତ୍ତିରେ ଭୋଟ୍ ହେଉଥିବା ଯୋଗୁ ଜିଲା ପରିଷଦ ଆସନ ଉପରେ ସବୁ ଦଳର ନଜର ରହିଛି। ଇତିମଧ୍ୟରେ ଭାଜପା ପ୍ରାର୍ଥିନୀ ବିନୋଦିନୀ ରାୟ ଓ କଂଗ୍ରେସ ପ୍ରାର୍ଥିନୀ ପଦ୍ମିନୀ ଭୁଏ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ବିଜେଡ଼ି ପ୍ରାର୍ଥିନୀ କଳ୍ପନା ପ୍ରଧାନ ମତଦାନ ପୂର୍ବରୁ ଜିଲାର ଅମ୍ବାଭୋନା ବ୍ଲକ ଜୋନ-୨ରୁ ନିର୍ବାଚିତ ହୋଇଥିବା ସ୍ପଷ୍ଟ ହୋଇଛି। ବର୍ତ୍ତମାନ ବରଗଡ଼ ଜିଲାରେ ୩୩ ଜିଲା ପରିଷଦ ଆସନ ପାଇଁ ନିର୍ବାଚନ ହେବ।

ମିଳିଥିବା ସୂଚନା ଅନୁଯାୟୀ, ୩୪ ଜିଲା ପରିଷଦ ଆସନ ପାଇଁ ୧୨୧ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଥିଲା। ମଙ୍ଗଳବାର ସୁଦ୍ଧା ଏହି ଆସନ ମଧ୍ୟରୁ ୫ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ନିର୍ବାଚନୀ ମଇଦାନରେ ୧୧୬ ପ୍ରାର୍ଥୀ ରହିଛନ୍ତି। ଗତଥର ଜିଲା ପରିଷଦ ଗଠନ କରିବାକୁ ସକ୍ଷମ ହୋଇଥିବା ଭାଜପାକୁ ଚଳିତ ନିର୍ବାଚନ ମହଙ୍ଗା ପଡୁଥିବା ଆରମ୍ଭରୁ ସ୍ପଷ୍ଟ ହୋଇଛି। ଅମ୍ବାଭୋନା ବ୍ଲକର ଜଣେ ଭାଜପା ପ୍ରାର୍ଥିନୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ମଙ୍ଗଳବାର ଦଳର ପୂର୍ବତନ ଜିଲା ସଭାପତି ମଧ୍ୟ ଦଳ ଛାଡ଼ିଛନ୍ତି।

## ବଢ଼େଇ ସଂଘ ବୈଠକ

ଲୋଇସିଂହା,୨୫।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରଠାରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ବଢେଇ(କାଠମିସ୍ତ୍ରୀ) ସଂଘର ବୈଠକ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଅତିଥିଭାବେ ଯୋଗଦେଇ ବନବିଭାଗର ଦୌରାତ୍ମ୍ୟ, ବଢେଇ ଓ ତାଙ୍କ ପରିବାର ପ୍ରତି ଗିରଫଦାରୀକୁ ନିନ୍ଦା କରିଥିଲେ। ରାଜ୍ୟ ସରକାର ବଢେଇମାନଙ୍କୁ ସହଯୋଗ କରିବାକୁ ଏହି ଅବସରରେ ସେ ନିବେଦନ କରିଥିଲେ। ବୈଠକରେ ଲୋଇସିଂହା, ଆଗଲପୁର ପୁଇଁତଳା, ତରଭା, ଡୁଙ୍ଗରିପାଲି, ତରଭା ଅଞ୍ଚଳର ବଢେଇମାନେ ଅଂଶଗ୍ରହଣ କରିଥିଲେ। ଲୋକମାନେ ଯୋଗାଉଥିବା କାଠରେ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବଢେଇମାନେ ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ବନ ବିଭାଗ ଚଢାଉ କରି ପ୍ରସ୍ତୁତ ସାମଗ୍ରୀ ଓ ସରଞ୍ଜାମ ଜବତ କରି ଜୀବିକା ଛଡାଇ ନେଉଛି। ଏହାଦ୍ୱାରା ପରିବାର ଚଳଣିରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସରକାର ସେମାନଙ୍କୁ ସହାୟତା ପ୍ରଦାନ ଦାବିରେ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ଜଣାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ୧୨ତମ ଜାତୀୟ ଭୋଟର ଦିବସ ପାଳିତ



ଭୋଟର ଦିବସରେ ଶପଥ ପାଠ କରାଯାଉଛି।

ଭବାନୀପାଟଣା,୨୫।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ୧୨ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ କୋଭିଡ୍ କଟକଣା ନିୟମ ପାଳନ ପୂର୍ବକ ସମ୍ମିଳନୀ କକ୍ଷରେ ବିଏଲ ଓ ତଥା ନୂତନ ଭୋଟରଙ୍କ ଗ୍ରହଣରେ ସଭା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଭୋଟର ଦିବସର ବିଷୟ ରହିଛି ନିର୍ବାଚନକୁ ସମ୍ମିଳିତ, ସୁଲଭ ଓ ସହଭାଗୀ କରିବା ଏବଂ ଏହି ବିଷୟରେ ଅତିରିକ୍ତ ଜିଲାପାଳ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ ଭୋଟର ତାଲିକାରେ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ୭୭ ଲାଞ୍ଜିଗଡ ବିଏଲ ଓ କୈଳାଶ ଚନ୍ଦ୍ର ଦାସ ସହକାରୀ ଶିକ୍ଷକ ଏବଂ ୭୮ ଜୁନାଗଡ ପାଇଁ ବିଏଲ ଓ ଗିରିଧାରୀ ଛତ୍ରିଆ, ଶିକ୍ଷକ/ଶ୍ରୀ ଲିଙ୍ଗରାଜ ବେହେରା ଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଉପସ୍ଥିତ ନୂତନ ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରି ଗଣତନ୍ତ୍ରକୁ ସୁଦୃଢ କରିବାକୁ ତଥା ନିଜର ମତଦାନ ନିଶ୍ଚୟ ଦେବାକୁ ସଙ୍କଳ୍ପ ନେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜରୁରୀ ଅଧିକାରୀ ସୁଶ୍ରୀ ପ୍ରଧାନ, ଡିଆଇପିଆର୍‌ଓ ମନୋଜ ବେହେରା, ଡିପିଓ ପ୍ରହ୍ଲାଦ ପ୍ରଧାନଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୃତୀ ଛାତ୍ରୀଙ୍କୁ ପୁସ୍ତକ ଉପହାର

**ବରଗଡ଼ ଅଫିସ୍,୨୫।୧:** ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ଅନ୍ତର୍ଗତ ବରାହମୁଣ୍ଡା ଉଚ୍ଚ ପ୍ରାଥମିକ ସ୍କୁଲରେ ବୁଧବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାରୋହରେ ଛାତ୍ରବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ତୃତୀୟ ଶ୍ରେଣୀର ଛାତ୍ରୀ ଶ୍ରେୟାଂଶୀ ସାହୁ, ପଞ୍ଚମ ଶ୍ରେଣୀ ଛାତ୍ରୀ ରାନୀ ମହାନନ୍ଦଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫୁଲତୋଡ଼ା ସହିତ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିବାବେଳେ ଦୁଇଟି ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା। ଉକ୍ତ ସମାରୋହରେ ସିଆରସିସି ସୁରେନ୍ଦ୍ର ଭୋସାଗର, ପ୍ରଧାନଶିକ୍ଷକ ସନ୍ତୋଷ କୁମାର କାଲୋ, ଶିକ୍ଷକ ପ୍ରେମାନନ୍ଦ ସାହୁ, ଶିକ୍ଷୟତ୍ରୀ ସାନ୍ତରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

Utkalika
**ODISHA STATE CO-OPERATIVE HANDICRAFTS CORPORATION LTD.**
Jayadev Vatika Square, Ghatikia, Khandagiri, Bhubaneswar-30

**QUOTATION CALL NOTICE**

Sealed quotations are invited from Buyers & Sellers / Reputed Firms dealing in old / used official furniture & fixtures and electrical itmes etc. Interested parties may apply by **01.02.2022 (7)** days along with their supporting documents like PAN No & GST registration etc. with their highest rates for purchase of the above materials on inspection of the same lying at our Branch Office located **Utkalika, Sector-5, Rourkela**. The selected Buyers/Sellers wil lift the materials on **"as is where is basis"**. The quotation should be submitted complete in all respect to the **Branch-In-Charge, Utkalika, Sector-5, Rourkela** on or before **01.02.2022 by2.00 P.M.** and will be opened on the same day at **3.00 P.M.** in the presence of the bidders or their authorized representative. The undersigned reserves the right to accept or reject any or all the quotations without assigning any reason thereof.

Sd/- Managing Director

**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 743/P.S.C. Dt.25.01.2022
1E-07-2021/22 (DR-III)

No. D-291: It is for information of all concerned that **Computer Based Recruitment Examination (CBRE)** for recruitment to the post of **Assistant Soil Conservation Officer in Class-II (Group-B),** pursuant to Advertisement No. **13 of 2020-21** will be held on **06.03.2022 (Sunday)**.
The detailed programme of examination will be notified shortly.
The candidates are advised to visit **(www.opsc.gov.in)** the wesbite of the Commission regularly for further information on examination related Notice(s).

OIPR-12002/11/0226/2122 Sd./- Secretary

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
**1st Corrigendum to Bid Identification No. CE-W.B.P. (O) - 27/2021-22**
File No. P-IM-Misc. 10/2008 (Pt.)

No. B-1010: Following changes are made for the work at Sl. No. 01 to Sl. No. 20 of IFB vide Bid Identification No. CE-W.B.P. (O) - 27/2021-22.

| Reference Sl. No. of IFB | Items | Original | Revised as |
|---|---|---|---|
| 1 | 2 | 3 | 4 |
| Para - 04 | The Bid documents will be available in the website: **https://tendersodisha.gov.in** from | 12.01.2022 at 10.00 hours | 28.01.2022 at 10.00 hours |
| Para - 06 | Bids shall be received only "Online" on or before | 31.01.2022 upto 17.00 hours | 14.02.2022 upto 17.00 hours |
| Para - 07 | Bids received online shall be opened at | 11.30 hours on 01.02.2022 | 11.30 hours on 15.02.2022 |

All other terms and conditions remain unchanged.

Sd./- Chief Engineer
World Bank Project, Odisha

OIPR-34003/11/0045/2122

**ଯୁଯୁମୁରାରେ ଟିକାକରଣ ନେଇ ସଚେତନତା**

ସମ୍ବଲପୁର, (ବ୍ୟୁରୋ): ଯୁଯୁମୁରା ବ୍ଲକରେ ଶତ ପ୍ରତିଶତ ଟିକାକରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାମୁଣ୍ଡା ପଞ୍ଚାୟତ ହାତିପଡାରେ ଏ ନେଇ ବୈଠକ ହୋଇଥିଲା। ସମସ୍ତେ ଯେପରି ଠିକ୍ ସମୟରେ ଟିକା ନେଇପାରିବେ ଓ ଅଞ୍ଚଳରେ ୧୦୦ ପ୍ରତିଶତ ଟିକା ଦାନ ଲକ୍ଷ୍ୟ ପୂରଣ ହେବ ସେ ନେଇ ଆଲୋଚନା ହେଇଥିଲା। ଏହି ସଭାରେ ବ୍ଲକ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସମେତ ମେଘପାଲ ଓ ଛାମୁଣ୍ଡା ପଞ୍ଚାୟତର ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଅଞ୍ଚଳର ଯୁବସାଥିମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ବାପ, ଝିଅ ଆହତ

**ଦେବଗଡ଼,୨୫ା୧(ଡି.ଏନ.ଏ.):** ଦେବଗଡ ଥାନା ହଦମୁଣ୍ଡା ଘାଟିରେ ମଙ୍ଗଳବାର ଦୁଇଟି ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଜଣେ ବାଇକ ଚାଳକ ଓ ତାଙ୍କ ଝିଅ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ସମ୍ବଲପୁର ଜିଲା ନାକଟିଦେଉଳ ଗ୍ରାମର ପ୍ରସନ୍ନ ମହାନନ୍ଦ(୩୦) ଓ ତାଙ୍କ ଝିଅ ହରିଦ୍ରା ମହାନନ୍ଦ(୧୦)। ଆହତଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୪ଟା ବେଳେ ପ୍ରସନ୍ନ ନିଜ ୬ବର୍ଷର ପୁଅ ଓ ଝିଅ ହରିଦ୍ରାଙ୍କୁ ଏକ ବାଇକ ଯୋଗେ ଦେବଗଡ ଥାନା ବଣିଆଁକିଲିଣ୍ଡା ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଯାଉଥିଲେ। ଏହି ସମୟରେ ହଦମୁଣ୍ଡା ଘାଟି ନିକଟସ୍ଥ ୫୩ ନଂ. ଜାତୀୟ ରାଜପଥରେ ସମ୍ମୁଖ ପଟୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ପ୍ରସନ୍ନ, ତାଙ୍କ ଝିଅ ଓ ପୁଅ ରାସ୍ତା ଉପରକୁ ଛିଟିକି ପଡିଥିଲେ। ତେବେ ପ୍ରସନ୍ନ ଓ ଝିଅ ହରିଦ୍ରା ଆହତ ହୋଇଥିବା ବେଳେ ପୁଅର କୌଣସି କ୍ଷତି ହୋଇ ନ ଥିଲା।

### ଅବକାରୀ ଚଢାଉ: ୨ ଗିରଫ

**କୁତ୍ରା,୨୫ା୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରି ବିପୁଳ ପରିମାଣର ମହୁଲି ମଦ ଜବତ କରାଯାଇଛି। ରାଜଗାଙ୍ଗପୁର ଅବକାରୀ ବିଭାଗ ଖତକୁରବାହାଲ ଓ ଗୁଲେପଡାରେ ଚଢାଇ କରି ଖତକୁରବାହାଲରୁ ୧୧ ହଜାର ଲିଟର ମହୁଲି ପୋଚ, ୨୫୦ ଲିଟର ମହୁଲି ମଦ ସହ ମଦ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ଜବତ କରିଛି। ଅନ୍ୟପକ୍ଷରେ ସୋମବାର କୁତ୍ରା ଗ୍ରାମରେ ସମ୍ବଲପୁର ଅବକାରୀ ବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ମହିଳା କଲେଜରେ ଜାତୀୟ ମତଦାତା ଦିବସ

**ରାଜଗାଙ୍ଗପୁର,୨୫ା୧(ଡି.ଏନ.ଏ):** ରାଜଗାଙ୍ଗପୁର ସରବତିଦେବୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ୧୨ତମ ଜାତୀୟ ମତଦାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସ୍‌ଏସ୍ ପରିଚାଳିକା ଆଞ୍ଜାଜା ଲାକ୍ରା ଏହାକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ବିପିନ ଚୌଧୁରୀ ଯୋଗଦେଇ ମତଦାନର ଗୁରୁତ୍ୱ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ସପନ ପଣ୍ଡା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମତଦାନର ଗୁରୁତ୍ୱ ରହିଛି । ତେଣୁ ସମସ୍ତେ ସ୍ୱାଧୀନ ଭାବେ ନିଜର ମତଦାନ ପ୍ରଦାନ କରିବା ଉଚିତ ବୋଲି ମତ ଦେଇଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଦେବଶ୍ରୀ ମହାତ ଓ ଶିକ୍ଷାଶେଖର ଦେଓ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀ ଓ ଅଧାପିକା ଅଧାପକମାନଙ୍କୁ ଶପଥପାଠ କରାଇଥିଲେ। ଶେଷରେ ଆଞ୍ଜାଜା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର ପରେ ଫଟୋ ଭାଇରାଲ

**ଦେବଗଡ଼,୨୫ା୧(ଡି.ଏନ.ଏ):** ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଦେବଗଡ ଥାନା ପୋଲିସ ଜଣେ ନାବାଳକଙ୍କୁ ଧରି ସ୍ଥାନୀୟ କିଶୋର ନ୍ୟାୟ ପରିଷଦରେ ହାଜର କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଗତ ୨୦୨୧ ଅକ୍ଟୋବର ମାସରେ ବାରକୋଟ ବ୍ଲକ କାଲକାଠ ଗ୍ରାମର ଜଣେ ନାବାଳକ (୧୭) ଦେବଗଡ ଥାନା ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା ଗ୍ରାମର ଜଣେ ନାବାଳିକା(୧୬)ଙ୍କ ଘରକୁ ଯାଇ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ମାତ୍ର ନାବାଳିକା ଜଣକ ଏଥିରେ ରାଜି ନ ହେବାରୁ ଉକ୍ତ ନାବାଳକ ନାବାଳିକାଙ୍କ କଲେଜକୁ ଯାଇ ହଇରାଣ କରିବା ସହ ତାଙ୍କୁ ବିବାହ ନ କଲେ ସେ ଆତ୍ମହତ୍ୟା କରିବ ବୋଲି ଧମକ ଦେଇଥିଲେ। ୨୦୨୧ ନଭେମ୍ବର ୨୫ରେ ନାବାଳକ ଜଣକ ଏକ ଜରୁରୀ କାମ ବାହାନାରେ ଉକ୍ତ ନାବାଳିକାଙ୍କୁ କଲେଜ ପଛପଟେ ଏକ ନିର୍ଜନ ସ୍ଥାନକୁ ଡାକି ନେଇ ବଳାତ୍କାର କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଉଠାଇଥିଲେ। ଏହି ଫଟୋକୁ ସେ ଗତ ୨୧ ତାରିଖରେ ଫେସବୁକରେ ଭାଇରାଲ କରିଥିଲେ। ଫଳରେ ଏ ନେଇ ନାବାଳିକା ଜଣକ ୨୩ ତାରିଖରେ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ନାବାଳକଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ଅଭିଯୋଗକାରିଣୀ ନାବାଳିକାଙ୍କ ବୟାନ ରେକର୍ଡ ସହ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ ସ୍ଥାନୀୟ କିଶୋର ନ୍ୟାୟ ପରିଷଦ ସମ୍ମୁଖରେ ହାଜର କରାଯାଇଥିବା ଜଣାପଡିଛି ।

# ମତଦାନ ଜରିଆରେ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କର

**ସୁନ୍ଦରଗଡ଼ରେ ଜାତୀୟ ମତଦାତା ଦିବସ ପାଳିତ**
- ୨୧ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସମ୍ବର୍ଦ୍ଧନା
- ଯୁବ ମତଦାତାଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ

**ସୁନ୍ଦରଗଡ଼,୨୫ା୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ସଦ୍‌ଭାବନା ଭବନରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ଏଥିରେ ଯୋଗଦେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଯୁବବର୍ଗଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲାପାଳ କହିଥିଲେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ନୂତନ ଭାବେ ଭୋଟର ତାଲିକାରେ ଯୋଡି ହୋଇଥିବା ଯୁବବର୍ଗ ଭୋଟ୍ ଦେଇ ନିଜର ମତଦାନ ସାବ୍ୟସ୍ତ କରନ୍ତୁ। ବର୍ତ୍ତମାନ କରୋନା ସମୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି । ତେଣୁ ସମସ୍ତେ କୋଭିଡ୍ ନିୟମ ପାଳନ କରିବା ସହ ନିର୍ବାଚନରେ ମତଦାନ କରି ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରନ୍ତୁ ବୋଲି ଜିଲାପାଳ ଜିଲାର ମତଦାତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୧ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଏଥିସହ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ଯୁବବର୍ଗଙ୍କୁ ଭୋଟର ପରିଚୟପତ୍ର ମଧ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଜିଲାରେ ୧୫ ଲକ୍ଷରୁ ଅଧିକ ମତଦାତା ରହିଛନ୍ତି। ଏହାସହ ୨୦୨୧-୨୨ ବର୍ଷରେ ୩୫ ହଜାରରୁ ଅଧିକ ନୂତନ ଭୋଟରଙ୍କୁ ପଞ୍ଜୀକୃତ କରାଯାଇଛି। ପ୍ରାରମ୍ଭରେ ଉପଜିଲାପାଳ ଅଭିମନ୍ୟୁ ବେହେରା ସରକାରୀ ଅଧିକାରୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କୁ ମତଦାତା ଭାବେ ନିର୍ବାଚନରେ ଭାଗ ନେବା ପାଇଁ ସଂକଳ୍ପ ପାଠ କରାଇଥିଲେ। ଏଡିଏମ ତଥା ଜିଲା ଖଣିଜ ପ୍ରତିଷ୍ଠାନର ସିଇଓ ମହେଶ୍ୱର ଚନ୍ଦ୍ର ନାଏକ, ସହକାରୀ ଜିଲାପାଳ ତଥା ନିର୍ବାଚନ ଉପ ବିଭାଗ ଅଧିକାରୀ ସୁନିଲ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଜିଲାପାଳ ଜଣେ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି।

## ମହେଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଆର୍‌ଏସ୍‌ଏ



ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଅତିଥି ।

**ସମ୍ବଲପୁର,୨୫ା୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଗୁଲିଣ୍ଡିପାଲି ଗ୍ରାମ ଖେଳପଡିଆରେ ୧୩ତମ ମହେଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ରାଉରକେଲାର ଆର୍‌ଏସ୍‌ଏ ଦଳ ବରଗଡର କଟପାଲିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରାଉରକେଲା ଦଳ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓଡ଼ିଶା ରଣଜି ଦଳର ପୂର୍ବତନ ଅଧିନାୟକ ନଟରାଜ ବେହେରାଙ୍କ ୨୪ ବଲରେ ୪୮ ରନ ସହାୟତାରେ ଦଳ ମୋଟ ୨୧୮ ରନ ସଂଗ୍ରହ କରିଥିଲା। କଟାପାଲି ଦଳ ମାତ୍ର ୯୭ ରନ କରି ପରାଜିତ ହୋଇଥିଲା। ସଞ୍ଜୟ ନାୟକ ଓ ଗୁରଦିପ ସିଂ ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ଯତିନ୍ଦ୍ର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଜୟୀ ଦଳର ସ୍ୱରୁପ ଏସ୍ ଭୂୟାଁ ୫ ଓଭରରେ ୧୯ ରନ ଦେଇ ୫ ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଅଭିଯୋଗ ଉପରେ ରାଜସ୍ୱ ବିଭାଗର ଶୁଣାଣି

**ଗୋବିନ୍ଦପୁରରେ ଟୋଲ୍‌ଗେଟ୍‌କୁ ବିରୋଧ ପ୍ରସଙ୍ଗ**

**ଝାରସୁଗୁଡ଼ା ଅଫିସ,୨୫ା୧**

ବେଲପାହାଡରୁ କନକତୋରାକୁ ସଂଯୋଗ କରୁଥିବା ୪୯ନଂ. ଜାତୀୟ ରାଜପଥ ଗୋବିନ୍ଦପୁର ନିକଟରେ ଏନ୍‌ଏଚ୍‌ଏଆଇ ତରଫରୁ ଟୋଲ୍‌ଗେଟ୍ ପ୍ରତିଷ୍ଠାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଆସୁଛନ୍ତି। ଏହାକୁ ବିରୋଧ କରି ଗତ ୧୦ତାରିଖରେ ସ୍ଥାନୀୟ ଲୋକେ ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏହାର ଏକକିତା ନକଲ କେନ୍ଦ୍ର ପରିବହନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପରିବହନ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ ରହିଥିଲା ଗୋବିନ୍ଦପୁରରେ ଟୋଲ୍‌ଗେଟ୍ ପ୍ରତିଷ୍ଠା ହେଲେ ସ୍ଥାନୀୟ ଚାଷୀ ଓ ବ୍ୟବସାୟୀ ଉତ୍ପାଦିତ ସାମଗ୍ରୀ ପରିବହନ ସମୟରେ ଶୁଳ୍କ ଦେବାକୁ ପଡିବ । ଏହା ଦ୍ୱାରା ସେମାନେ କ୍ଷତିଗ୍ରସ୍ତ ହେବେ। ଏହାକୁ ବିଚାରକୁ ନେଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଗୋବିନ୍ଦପୁର ଆର୍‌ଆଇ ସର୍କଲ ତରଫରୁ ଅଭିଯୋଗ ଶୁଣାଣି ପାଇଁ ସ୍ଥାନୀୟ ଜନପ୍ରତିନିଧି ଓ ପ୍ଲଟ୍ ନଂ୧୨୬, ୧୨୭ ଓ ୧୨୯ର ଜମି ମାଲିକଙ୍କୁ ତହସିଲ୍ କୋର୍ଟରେ ହାଜର ହେବାପାଇଁ ନୋଟିସ୍ ଜାରି ହୋଇଥିଲା। ଏହା ବଳରେ ମଙ୍ଗଳବାର ତହସିଲ କୋର୍ଟରେ ତହସିଲଦାର ବିଶ୍ୱକେଶନ ପାଣ୍ଡେ ୨ ପର୍ଯ୍ୟାୟରେ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ସମରବଗା ସରପଞ୍ଚ ରୀନା ଭୟାଁର,କଦମ୍ବଡିହି ସରପଞ୍ଚ ସୁଷମା ବରିହା, ଜମି ମାଲିକ ନେତ୍ରାନନ୍ଦ ଦାସ, ଗୌରଭ ଭୋଇ ଓ ନିତେଶ୍ୱର ପଟେଲ ପ୍ରମୁଖ ନିଜ ପକ୍ଷ ରଖି ପ୍ରସ୍ତାବିତ ଟୋଲ୍‌ଗେଟ୍‌କୁ ବିରୋଧ କରିଥିଲେ। ତହସିଲଦାର ଲୋକଙ୍କ ପକ୍ଷ ସଂଗ୍ରହକରି ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବେବୋଲି କହିଛନ୍ତି।


ଜମି ମାଲିକଙ୍କୁ ତହସିଲ କୋର୍ଟରୁ ଜାରି ହୋଇଥିବା ନୋଟିସ୍।

## ଧାନକିଣା ତ୍ୱରାନ୍ୱିତ କରିବାକୁ ଦାବି


ଚାଷୀ ପ୍ରତିନିଧିମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ଦେଉଛନ୍ତି।

**ଦେବଗଡ଼,୨୫ା୧(ଡି.ଏନ.ଏ.)**

ଦେବଗଡ ଜିଲାରେ ଧାନକିଣା ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ଏହାକୁ ତ୍ୱରାନ୍ୱିତ କରିବା ଏବଂ ଧାନକ୍ରୟ ପାଇଁ ସମବାୟ ସମିତିଗୁଡିକ ଲକ୍ଷଧାର୍ଯ୍ୟ କରିବା ଦାବିରେ ମଙ୍ଗଳବାର ଜିଲା କୃଷକ ସଂଘ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦେବଗଡ ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର, ବାରକୋଟ ବ୍ଲକ କୃଷକ ସଂଘ ସଭାପତି ବିନୋଦ ବିହାରୀ ନାୟକ, ବିଜୟ କୁମାର ପ୍ରଧାନ, ଉପେନ୍ଦ୍ର କୁମୁରା, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ରାଜେଶ ଚୌଧୁରୀ ଓ ଦିଗମ୍ବର ଚୌଧୁରୀ ପ୍ରମୁଖ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ମନ୍ଥର ଗତିରେ ଧାନକିଣା ଯାଉଥିବାରୁ ଠିକ୍ ସମୟରେ ମଣ୍ଡି ଗୁଡିକରୁ ଧାନ ଉଠାଯାଇପାରୁନାହିଁ । ଫଳରେ ପ୍ରତ୍ୟେକ ପାଳିରେ ଧାର୍ଯ୍ୟ ଲକ୍ଷ ଅନୁଯାୟୀ ଧାନ ଉଠିପାରୁନାହିଁ। ଫଳରେ ଧାନ ବିକ୍ରି ପାଇଁ ଚାଷୀମାନେ ପାଇଥିବା ଟୋକନ ଅବଧି ଶେଷ ହେବା ଆଶଙ୍କା ପ୍ରକାଶ ପାଇଛି। ଏଣୁ ଜିଲାରେ ଧାନକିଣା ପ୍ରକ୍ରିୟା ତ୍ୱରାନ୍ୱିତ ସହ ଧାନ କ୍ରୟ ପାଇଁ ସମବାୟ ସମିତି ଗୁଡିକ ତୁରନ୍ତ ଅଧିକ ଲକ୍ଷଧାର୍ଯ୍ୟ କରିବା ପାଇଁ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି।

## କୁଟୁରାଚୁଆଁ କଲେଜରେ ଭୋଟର ଦିବସ

**କୁଚିଣ୍ଡା, ୨୫ା୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ମଙ୍ଗଳବାର ଦ୍ୱାଦଶ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଆଭାଷୀ ମାଧମରେ ଏହା ପାଳିତ ହୋଇଥିଲା। ଅଧାପିକା ଭାବନା ପାଣ୍ଡେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧାପକ କୃଷ୍ଣଚନ୍ଦ୍ର ପୂଝାରି ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଅଧାପକ ସତ୍ୟନାରାୟଣ ପଟେଲ ଭାରତୀୟ ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କ ମଧରେ ଅନ୍‌ଲାଇନରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଲାଇବ୍ରେରିୟାନ ଦେବାନନ୍ଦ ମହାପାତ୍ର, ଡିଇଓ ସମିନ ରଞ୍ଜନ ନାଏକ, ଜୟଦେବ ରାଉତ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଡେମୋଷ୍ଟ୍ରେଟର ପ୍ରତିମା ନାଏକ ଧନ୍ୟବାଦ ଦେଇଥିଲେ।

## ନାକଟିଦେଉଳ କଲେଜରେ ଜାତୀୟ ମତଦାତା ଦିବସ

**ନାକଟିଦେଉଳ,୨୫ା୧(ଡ଼ି.ଏନ.ଏ.)**

ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଗୁଗୁଲ ମିଟ୍ ମାଧ୍ୟମରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏନ୍‌ଏସ୍‌ଏସ୍ ଅଧିକାରୀ ଅଧାପକ ଡ଼. ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରାଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ମତଦାତାଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ଦିପ୍ତିମୟୀ ଶପଥ ପାଠ କରାଇଥିବା ବେଳେ ଛାତ୍ରୀ ତେଜସ୍ୱିନୀ କବିତା ପାଠ କରିଥିଲେ। ଶେଷରେ କିରନ ମାଟିଆରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଏନ୍‌ଏମ୍‌ଙ୍କ ଦରମା ବୃଦ୍ଧି ପାଇଁ ଦାବି

**ସୁନ୍ଦରଗଡ,୨୫ା୧(ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ କୋଭିଡ ପାଇଁ ଅସ୍ଥାୟୀ ଭାବେ କାର୍ଯ୍ୟରତ ଏଏନ୍‌ଏମ୍‌ମାନଙ୍କ ଦରମା ବୃଦ୍ଧି ପାଇଁ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଦାବି କରିଛନ୍ତି। କୋଭିଡ୍‌ର ପ୍ରଥମ ଓ ଦ୍ୱିତୀୟ ଲହର ପ୍ରକୋପ ସମୟରେ ଏହି ଅସ୍ଥାୟୀ ଏଏନ୍‌ଏମ୍‌ମାନେ ନିଜ ଜୀବନ ଓ ପରିବାରକୁ ପଛରେ ପକାଇ କାର୍ଯ୍ୟ କରିଥିବାରୁ ରାଜ୍ୟ ସରକାର ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିଥିଲେ। ଏହି ଏଏନ୍‌ଏମ୍‌ମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଦୈନିକ ୮୫୦ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯାଉଛି। ସୁନ୍ଦରଗଡ଼ ଜିଲାରେ ଉକ୍ତ ଅସ୍ଥାୟୀ ଏଏନଏମ ମାନଙ୍କୁ ମାସର ପ୍ରତ୍ୟେକ ରବିବାର ବ୍ୟତୀତ ଅନ୍ୟ କାର୍ଯ୍ୟ ଦିବସ ଗୁଡିକରେ ଜିଲା ଖଣିଜ ପାଣ୍ଠିରୁ ଦୈନିକ ୫୫୦ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯାଉଛି। କରୋନା ମହାମାରୀକୁ ନେଇ ସୁନ୍ଦରଗଡ ଜିଲାର ସୂଚକାଙ୍କ ରାଜ୍ୟରେ ଦ୍ୱିତୀୟ ଶୀର୍ଷରେ ରହୁଥିବା ବେଳେ ଏହି ଏଏନଏମ୍‌ମାନେ ଅନ୍ୟ ଜିଲା ତୁଳନାରେ କମ୍ ପାରିଶ୍ରମିକ ପାଉଛନ୍ତି। ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, ଜିଲା ବିଜେଡି କୃଷକ ସଭାପତି ଗୋପାଳ ପ୍ରଧାନ, ଗୋପ ମହାନ୍ତି, କୌଶିକ ପଟେଲ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ଅନ୍ୟ ଜିଲା ଭଳି ସୁନ୍ଦରଗଡ ଜିଲାରେ କୋଭିଡ ଡ୍ୟୁଟିରେ କାର୍ଯ୍ୟରତ ଅସ୍ଥାୟୀ ଏଏନଏମ୍‌ମାନଙ୍କୁ ଦୈନିକ ୫୫୦ଟଙ୍କାରୁ ୮୫୦ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି।


ବିଜେଡିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ୪ଦିନ ପରେ ସୁରକ୍ଷାକର୍ମୀଙ୍କ ଗଳିତ ମୃତଦେହ ଉଦ୍ଧାର

**ଜେଏସ୍‌ଡବ୍ଲ୍ୟୁ ସ୍ଲରିପଣ୍ଡ ପାଚେରି ଭୁଶୁଡିବା ଘଟଣା**

**ସମ୍ବଲପୁର,୨୫ା୧(ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲିର ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ କମ୍ପାନୀରେ ଗତ ଗୁରୁବାର ରାତିରେ ସ୍ଲରିପଣ୍ଡ ପାଚେରି ଭୁଶୁଡି ଲୁହା ମିଶା ତରଳ ପଦାର୍ଥ ଚାରିଆଡେ ମାଡିଯାଇଥିଲା। ଏଥିରେ ଜଣେ ସୁରକ୍ଷା କର୍ମୀ ନିଖୋଜ ଥିଲେ। ୪ଦିନ ପରେ ମଙ୍ଗଳବାର ସୁରକ୍ଷାକର୍ମୀ ଅର୍ଜୁନ ରାମଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ତାଙ୍କ ଘର ଛତିଶଗଡ ବୈରାମପୁର ଘୁଗରିକାଲା ଗ୍ରାମରେ। ଅର୍ଜୁନ ତରଳପଦାର୍ଥରେ ଭାସିଯାଇ ଏକ ପୋକ୍‌ଲିନ ମେଶିନ ତଳେ ଚାପି ହୋଇଯାଇଥିଲେ। ଏ ନେଇ ଠେଲକୋଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଗତ ୨୦ ତାରିଖରେ କମ୍ପାନୀ ବାଉଣ୍ଡାରି ଭାଙ୍ଗି ଗ୍ରାମ ଆଡକୁ ବିଷାକ୍ତ ତରଳ ପଦାର୍ଥ ମାଡିଯାଇଥିଲା। ଏଥିରେ ବହୁ ଚାଷଜମି ପ୍ରଭାବିତ ହୋଇଥିଲା। ଲୋକଙ୍କ ଅସନ୍ତୋଷ ଦେଖି କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ।

## ୧୦୮ ଦିନରେ ନାମଯଜ୍ଞ ପୂର୍ଣ୍ଣାହୁତି

**ସମ୍ବଲପୁର,୨୫ା୧(ବ୍ୟୁରୋ)**

ମାନେଶ୍ୱର ବ୍ଲକ ଅନ୍ତର୍ଗତ ହଳଦୀବାହାଲ ମହାଲକ୍ଷ୍ମୀ ମନ୍ଦିରଠାରେ ଚାଲିଥିବା ନାମଯଜ୍ଞ ୧୦୮ ଦିନରେ ପୂର୍ଣ୍ଣାହୁତି ହୋଇଛି । ଗତ ଅକ୍ଟୋବର ୭ ତାରିଖରୁ ନାମଯଜ୍ଞ ଅଧିବାସ ହୋଇଥିଲା। ରତ୍ନପ୍ରଭା ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତ୍ୟେକ ଦିନ ନୂତନ କର୍ତ୍ତାମାନେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ନରୋତ୍ତମ ଧର ଓ କେଶବ ଦାସ ପୂଜାର୍ଚ୍ଚନା କରିଥିଲେ। ୧୦୮ କର୍ତ୍ତାଙ୍କ ଉପସ୍ଥିତିରେ ୧୦୮ ନାମଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା।


ନାମଯଜ୍ଞ ଉପଲକ୍ଷେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

## କୁଚିଣ୍ଡା ବ୍ଲକ: ମଇଦାନରେ ୪୧୯ ପ୍ରାର୍ଥୀ

**କୁଚିଣ୍ଡା,୨୫ା୧(ଡି.ଏନ.ଏ.)**

ମଙ୍ଗଳବାର ନାମାଙ୍କନ ପ୍ରତ୍ୟାହାର ପରେ କୁଚିଣ୍ଡା ବ୍ଲକରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ବ୍ଲକର ୧୭ ପଞ୍ଚାୟତ ପାଇଁ ସରପଞ୍ଚ ଭାବେ ମୋଟ ୬୨ ଜଣ ନାମାଙ୍କନ କରିଥିଲେ। ଯାଞ୍ଚବେଳେ ୩ଜଣଙ୍କ ନାମାଙ୍କନ ଖାରଜ ଓ ୩ଜଣଙ୍କ ପ୍ରତ୍ୟାହାର ପରେ ଏହି ପଦବୀ ପାଇଁ ଏବେ ମଇଦାନରେ ୫୬ ଜଣ ଅଛନ୍ତି। ସମିତିସଭ୍ୟ ପାଇଁ ମୋଟ ୫୩ ଜଣଙ୍କ ମଧ୍ୟରୁ ୨ଜଣଙ୍କ ଖାରଜ ଓ ୬ଜଣଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ଏବେ ରଣାଙ୍ଗନରେ ୪୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ବ୍ଲକର ୨୦୩ ୱାର୍ଡ ମଧ୍ୟରୁ ୧୯୨ ୱାର୍ଡ ପାଇଁ ୩୫୩ ଜଣ ନାମାଙ୍କନ କରିଥିଲେ। ଯାଞ୍ଚ ବେଳେ ୩୧ ଖାରଜ ଓ ୪ ଜଣଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ଏବେ ୩୧୮ ଜଣ ଲଢେଇରେ ଅଛନ୍ତି। ମୋଟ ୧୧ ୱାର୍ଡରେ ଜଣେ ହେଲେ ନାମାଙ୍କନ କରି ନ ଥିବା ଜଣାଯାଇଛି। ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ବ୍ଲକରେ ମୋଟ ୪୧୯ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ‘ବେଆଇନ ସଂଯୋଗକୁ ବୈଧତା କର’

**ସମ୍ବଲପୁର,୨୫ା୧(ବ୍ୟୁରୋ)**

ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ବିଦ୍ୟୁତ୍ କିଣି ଟିପିଡବ୍ଲ୍ୟୁଓଡିଏଲ୍ ଗ୍ରାହକମାନଙ୍କୁ ବିକ୍ରି କରିଥାଏ। ତେଣୁ ବିଦ୍ୟୁତ୍ ଚୋରିକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ। ବିଦ୍ୟୁତ ଚୋରି ଏକ ଦଣ୍ଡନୀୟ ଅପରାଧ। ବେଆଇନ ବିଦ୍ୟୁତ୍ ସଂଯୋଗ ଧରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରବର୍ତ୍ତନ ବିଭାଗ ରହିଛି। ଏହି ବିଭାଗ ଗ୍ରାହକମାନଙ୍କୁ ଜରିମାନା କରି ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ ଲାଇନ ବିଚ୍ଛିନ୍ନ କରୁଛି। ଯେଉଁ ଗ୍ରାହକ ନିଜସ୍ୱ ବାସଗୃହ, ସରକାରୀ ଅଫିସ, ଦୋକାନ, କାର୍ଯ୍ୟାଳୟ, କାରଖାନା ଇତ୍ୟାଦିରେ ବିନା ମିଟର କିମ୍ବା ଅକାମୀ ମିଟର ଦ୍ୱାରା ବିଦ୍ୟୁତ୍ ସଂଯୋଗ କରିଛନ୍ତି ସେମାନେ କମ୍ପାନୀ କାର୍ଯ୍ୟାଳୟ ଓ କଲ ସେଣ୍ଟରକୁ ଯାଇ ସମାଧାନ କରନ୍ତୁ। ନଚେତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଏବଂ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ପୁଅକୁ ଉଦ୍ଧାର ପାଇଁ ଉପଜିଲାପାଳଙ୍କୁ ଗୁହାରି

**ରେଢାଖୋଲ,୨୫ା୧(ଡି.ଏନ.ଏ.)**

ରେଢାଖୋଲ ଏନ୍‌ଏସି ଭାଲୁଚୁଆଁର ଶ୍ରୀବସ୍ତ ପ୍ରଧାନ (୨୭) ଦାଦନ ଖଟିବାକୁ ଛତିଶଗଡ ଯାଇ କମ୍ପାନୀ ମାଲିକଙ୍କ ଦ୍ୱାରା ନର୍ଯାତିତ ହେଉଥିବାରୁ ତାଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ମଙ୍ଗଳବାର ଉପଜିଲାପାଳଙ୍କୁ ଗୁହାରି କରିଛନ୍ତି। ଉପଜିଲାପାଳ ପବିତ୍ର ବେହେରା ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପରିବାରବର୍ଗଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ଦଲାଲ ଗତ ପ୍ରାୟ ୪ମାସ ତଳେ ଶ୍ରୀବସ୍ତଙ୍କ ସହ ରଞ୍ଜନ ପ୍ରଧାନ, ଶୁକ୍ରୁ ନାଏକ, ସୁବାସ ପ୍ରଧାନ ଓ ବଂଶୀଧର ପ୍ରଧାନଙ୍କୁ ଛତିଶଗଡ ରାଜ୍ୟର ରାୟପୁର ନିକଟ ଡଙ୍ଗରଗଡର ଏକ କମ୍ପାନୀରେ କାମ କରିବାକୁ ନେଇଥିଲେ। ୨ମାସ କାମ କରିବାପରେ ମଧ କମ୍ପାନୀ ପକ୍ଷରୁ ଦରମା ଦିଆଯାଇ ନ ଥିଲା। ଯୁବକମାନେ ମାଗିବାରୁ କମ୍ପାନୀ କର୍ତ୍ତୃପକ୍ଷ ମାରପିଟ କରିବା ସହ ମୋବାଇଲ ନେଇଯାଇଥିଲେ। ଏପରି କି ଖାଇବାକୁ ନ ଦେଇ ଖଟେଇଥିଲେ। ଏଭଳି ପରିସ୍ଥିତିରେ ୧୫ଦିନ ତଳେ ବଂଶୀଧର କୌଣସିମତେ ଖସି ଗାଁକୁ ଫେରିଥିଲେ। କିଛିଦିନ ପରେ ରଞ୍ଜନ, ଶୁକ୍ରୁ ଓ ସୁବାସ ମଧ ଲୁଚିଛପି ଗାଁକୁ ଆସିଥିଲେ। ହେଲେ ଶ୍ରୀବସ୍ତ ଆସି ନ ପାରି ସେଠାରେ ନିର୍ଯାତିତ ହେଉଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୬ ଜାନୁୟାରୀ, ୨୦୨୨



**ଓଡ଼ିଶା ବାର୍ ଆସୋସିଏଶନରେ ସଦସ୍ୟ ପାଇଁ ପ୍ରସ୍ତାବ**

ଝାରସୁଗୁଡ଼ା ଅଫିସ: ଓଡ଼ିଶା ବାର୍ ଆସୋସିଏଶନର ନିର୍ବାଚନ ହେବାକୁ ଯାଉଥିବାବେଳେ ଏଥିରେ ରାଜ୍ୟର ସମୁଦାୟ ୨୫ଜଣ ଆଇନଜୀବୀ ସଦସ୍ୟ ରହିବେ। ଝାରସୁଗୁଡା ବାର୍ ଆସୋସିଏଶନର ପୂର୍ବତନ ସଭାପତି ରଘୁମଣି ପଟେଲ ଏଥିରେ ଜଣେ ସଦସ୍ୟ ହେବାକୁ ଯାଉଛନ୍ତି। ଏଥିପାଇଁ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସଭାପତି ପଟେଲଙ୍କ ନାମ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏଥିପାଇଁ ଜିଲା ବାର୍ ଆସୋସିଶନ ତରଫରୁ ପଶ୍ଚିମ ଓଡିଶାର ସମସ୍ତ ଜିଲା ବାର୍ ଆସୋସିଏଶନର ସହଯୋଗ କାମନା କରାଯାଇଛି।

## ସଂକ୍ଷେପରେ

### କର୍ଲାମୁଣ୍ଡା ବ୍ଲକ: ୨ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**କର୍ଲାମୁଣ୍ଡା,୨୫।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରାଜପୁର ଓ ସାପଲହରା ପଞ୍ଚାୟତର ୨ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବୁଧବାର ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ରାଜପୁର ପଞ୍ଚାୟତ ସରପଞ୍ଚ ଭାବେ କୌଶଲ୍ୟା ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପଞ୍ଚାୟତ ପାଇଁ ତିନି ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ଶେଷ ଦିବସରେ ଅନ୍ୟ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିବାରୁ ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସାପଲହରା ପଞ୍ଚାୟତ ସରପଞ୍ଚ ଭାବେ ରାଜେଶ୍ୱରୀ ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପଞ୍ଚାୟତ ପାଇଁ ୪ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୩ ଜଣ ପ୍ରାର୍ଥୀ ପ୍ରତ୍ୟାହାର କରିବାରୁ ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତ ନିର୍ବାଚନରେ ମଧ ଏହି ପଞ୍ଚାୟତ ସରପଞ୍ଚ ଭାବେ ପୃଥ୍ୱିରାଜ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

### ଯୋଗୀସର୍ଡା ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଲୋଇସିଂହା,୨୫।୧(ଡି.ଏନ.ଏ):** ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ସରପଞ୍ଚ ଭାବେ ବିଜୁଳି ପଧାନ



ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଏହାକୁ ମିଶାଇ ସେ ୪ର୍ଥ ଥର ପାଇଁ ଉକ୍ତ ପଞ୍ଚାୟତର ସରପଞ୍ଚଭାବେ ନିର୍ବାଚିତ ହେବେ। ୨୦୦୨, ୨୦୦୭ ଓ ୨୦୧୨ରେ ଲଗାତର ତିନିଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିବା ବିଜୁଳି ୨୦୧୭ରେ ପରାଜୟର ସମ୍ମୁଖୀନ ହୋଇଥିଲେ। ସରକାରୀଭାବେ ଘୋଷଣା ହୋଇ ନ ଥିଲେ ହେଁ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତରେ ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷିତ ସରପଞ୍ଚ ପଦ ପୁଣି ଥରେ ସେ ହାତେଇ ନେଇଛନ୍ତି। ଚଳିତ ଥର ପଧାନଙ୍କ ସମେତ ୬ ଜଣ ପ୍ରାର୍ଥି ନାମାଙ୍କନ ଭରିଥିଲେ। ହେଲେ ନମିତା ପଧାନ, କୁନ୍ତି ନନ୍ଦ, ରୀତାଞ୍ଜଳି ପଧାନ, ଲକ୍ଷ୍ମୀପ୍ରିୟା ମିଶ୍ର ଏବଂ ନିର୍ମାଲ୍ୟ କୁମାରୀ ମିଶ୍ର ସେମାନଙ୍କ ପ୍ରାର୍ଥିପତ୍ର ମଙ୍ଗଳବାର ପ୍ରତ୍ୟାହାର କରି ନେବା ପରେ ପଧାନଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### ସମିତି ସଭ୍ୟ ପ୍ରାର୍ଥିନୀଙ୍କ ଅକାଳ ବିୟୋଗ

**ନୂଆପଡ଼ା ଅଫିସ,୨୫।୧:** ନୂଆପଡା ଜିଲା ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀନୀଙ୍କ ଅକାଳ ବିୟୋଗ ହୋଇଥିବା ଜଣାପଡିଛି। ସେ ଚନୁଟମାଲ



ଗାଁର ତ୍ରିନାଥ ଶବରଙ୍କ ସ୍ତ୍ରୀ ତୁଳସା ଶବର (୨୫)। ସୋମବାର ତୁଳସା ହଠାତ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ପ୍ରଥମେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତୁଳସାଙ୍କ ସ୍ୱାମୀ ତ୍ରିନାଥ ଶବର ୩ ମାସ ପୂର୍ବରୁ ନିଜ ମା' ସହିତ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବା ପାଇଁ ଯାଇଛନ୍ତି। ଖଡିଆଳ ବ୍ଲକ ଅରେଡା ପଞ୍ଚାୟତରେ ସମିତି ସଭ୍ୟ ପଦବୀ ମହିଳାମାନଙ୍କ ପାଇଁ ସଂରକ୍ଷିତ ଥିବାରୁ ତୁଳସା ଜଣେ ଶିକ୍ଷିତ ମହିଳା ହୋଇଥିବାରୁ ଗାଁ ଓ ପଞ୍ଚାୟତବାସୀଙ୍କ ସମର୍ଥନକ୍ରମେ ସମିତି ସଭ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ନିର୍ବାଚନରେ ତୁଳସାଙ୍କ ବିପୁଳ ସମର୍ଥନ ରହିଥିଲା। ନିର୍ବାଚନରେ ବିଜୟ ସୁନିଶ୍ଚିତ ବୋଲି ମନେ କରାଯାଉଥିଲା। ତୁଳସା ଶବରଙ୍କ ଅକାଳ ବିୟୋଗରେ ଚନୁଟମାଲ ସମେତ ଜିଲାରେ ଶୋକରଛାୟା ଖେଳି ଯାଇଛି।

# ଜିଲା ପରିଷଦ ସଭାପତି ପଦ ହାତେଇବାକୁ କସରତ

**ସୋନପୁର,୨୫।୧(ନି.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କଲେଣି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ତାଲିକା ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଜିଲା ପରିଷଦ ସଭାପତି ଆସନ ଅଣସଂରକ୍ଷିତ ଥିବାରୁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କସରତ ଆରମ୍ଭ ହୋଇଛି। ୧୯୯୭ରୁ ୨୦୧୭ ପଞ୍ଚାୟତ ନିର୍ବାଚନ ମଧ୍ୟରେ ତତ୍କାଳୀନ ଜନତା ଦଳ ଥରେ ଭାଜପା ୨ ଥର ଓ ବିଜେଡିକୁ ୨ଥର ଜିଲା ପରିଷଦ ସଭାପତି ଆସନ ମିଳିଛି। ଜିଲା ପରିଷଦ ଗଠନ ହେବାଠାରୁ କଂଗ୍ରେସ ଥରେ ହେଲେ ଏହି ଆସନ ପାଇ ପାରିନାହିଁ। ୧୯୯୭ ଜିଲା ପରିଷଦ ନିର୍ବାଚନରେ ଜନତା ଦଳ ୬ଟି, କଂଗ୍ରେସ

| ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷ ତାଲିକା | | |
|---|---|---|
| ମସିହା | ନାମ | ଦଳ |
| ୧୯୯୭-୨୦୦୨ | ଅନିଲ କଲାୟତ | ଜନତା ଦଳ |
| ୨୦୦୨-୨୦୦୭ | ଆନନ୍ଦ ବାରିକ | ଭାଜପା |
| ୨୦୦୭-୨୦୧୨ | ପୁଷ୍ପା କଣ୍ଟା | ବିଜେଡି |
| ୨୦୧୨-୨୦୧୭ | ହିମାଂଶୁ ଶେଖର ବିଶ୍ୱାଳ | ବିଜେଡି |
| ୨୦୧୭-୨୦୨୨ | ଉଷା କୁମାରୀ | ଭାଜପା |

୪ଟି, ଭାଜପା ୨ଟି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଆସନ ମିଳିଥିଲା। ଜନତା ଦଳ ଜିଲା ପରିଷଦ ଗଠନ କରିଥିଲା। ୨୦୦୨ ନିର୍ବାଚନରେ କଂଗ୍ରେସ ୬ଟି, ଭାଜପା ୪ଟି, ବିଜେଡି ୩ଟି ଆସନ ପାଇଥିଲେ। ଭାଜପା ଜିଲା ପରିଷଦ ସଭାପତି ପଦ ହାତେଇ ଥିଲା। ଗତ ୨୦୦୭ ନିର୍ବାଚନରେ ବିଜେଡିକୁ ୯ଟି, ଭାଜପା ୩ଟି, କଂଗ୍ରେସକୁ ଗୋଟିଏ ଜିଲା ପରିଷଦ ଆସନ ମିଳିଥିଲା। ବିଜେଡି ଜିଲା ପରିଷଦ ଗଠନ କରିଥିଲା। ୨୦୧୨ ନିର୍ବାଚନରେ ବିଜେଡିକୁ ଏକତରଫା ଭାବରେ ୧୨ଟି ଜିଲା ପରିଷଦ ଆସନ ମିଳିଥିବା ବେଳେ କଂଗ୍ରେସକୁ ଗୋଟିଏ ଆସନ ମିଳିଥିଲା। ଭାଜପା ଖାତା ଖୋଲି ପାରି ନଥିଲା। ବିଜେଡି ଜିଲା ପରିଷଦ ଗଠନ କରିଥିଲା। ୨୦୧୭ ନିର୍ବାଚନରେ ଭାଜପାକୁ ଅପ୍ରତ୍ୟାଶିତ ଭାବେ ୧୦ଟି ଜିଲା ପରିଷଦ ଆସନ ମିଳିଥିବା ବେଳେ ବିଜେଡିକୁ ୩ଟି ଜିଲା ପରିଷଦ ଆସନ ମିଳିଥିଲା। ଭାଜପା ଜିଲା ପରିଷଦ ଗଠନ କରିଥିଲା। ଗତ ୨୦୧୭ ନିର୍ବାଚନରେ କଂଗ୍ରେସ କୌଣସି ଗୋଟିଏ ହେଲେ ଜିଲା ପରିଷଦ ଆସନରେ ଆଖିଦୃଶିଆ ଭୋଟ ପାଇ ପାରି ନଥିଲା। ନିର୍ବାଚନ ପ୍ରଚାର ଆରମ୍ଭ ହୋଇଥିଲେ ମଧ ତିନି ପ୍ରମୁଖ ରାଜନୈତିକ ଦଳର କିଏ ଜିଲା ପରିଷଦ ସଭାପତି ହେବେ ତାହା ସ୍ପଷ୍ଟ କରାଯାଇନି। ତେବେ ଶାସକ ଦଳରେ ଆଶାୟୀଙ୍କ ସଂଖ୍ୟା ଅଧିକ ଅଛନ୍ତି। ଜିଲା ପରିଷଦ ସଭାପତି ଆସନ ଅଣସଂରକ୍ଷିତ ଥିବାରୁ ଏଥର ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେବ ବୋଲି ଚର୍ଚ୍ଚା ଚାଲିଛି।

## ନିର୍ବାଚନ ସ୍ଥିତି ପରଖିଲେ ଜିଲାପାଳ, ଏସ୍‌ପି



ଦେଓଗାଁ ବ୍ଲକ ପରିସରରେ ଜିଲାପାଳ, ଏସ୍‌ପି।

**ଦେଓଗାଁ,୨୫।୧(ଡି.ଏନ୍.ଏ.)**

ତ୍ରିସ୍ତରୀୟ ନିର୍ବାଚନ ସ୍ଥିତି ପରଖିବା ପାଇଁ ମଙ୍ଗଳବାର ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ନୀତିନ କୁଶଲକର ଦେଓଗାଁ ବ୍ଲକ ଗସ୍ତରେ ଆସିଥିଲେ। ପୂର୍ବାହ୍ନ ୧୦ଟାରେ ବ୍ଲକ କାର୍ଯ୍ୟାଳୟରେ ଉଭୟ ଅଧିକାରୀ ପହଞ୍ଚି ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା ସହ ବର୍ତ୍ତମାନର ସ୍ଥିତି ଉପରେ ସମୀକ୍ଷା କରିଥିଲେ। ପଞ୍ଚାୟତଗୁଡ଼ିକର ସ୍ଥିତି ଓ ନିର୍ବାଚନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେନେଇ ବ୍ଲକ ପ୍ରଶାସନ ଓ ପୋଲିସ ସହ ଆଲୋଚନା କରିଥିଲେ। ଏସ୍‌ଡିପିଓ ତୋଫାନ ବାଗ୍, ଥାନାଧିକାରୀ ବାମଦେବ ଶଙ୍ଖୁଆଳ, ବିଡିଓ ମୁରଲୀଧର ନାଏକ, ତହସିଲଦାର ଯୁଗଲ କିଶୋର ବିଶ୍ୱାଳ, ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ୯ ଜିଲା ପରିଷଦ ଜୋନ୍‌ରେ ଲଢ଼ିବେ ୩୮ ପ୍ରାର୍ଥୀ

**ବୌଦ୍ଧ, ୨୫।୧(ସ୍ୱ.ପ୍ର)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ବୌଦ୍ଧ ଜିଲାରେ ୩ ବ୍ଲକରେ ୯ ଜିଲା ପରିଷଦ ଜୋନ ପାଇଁ ୪୧ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜଣେ ସ୍ୱାଧୀନ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ନାକଚ ହେବା ପରେ ୪୦ ଜଣଙ୍କ ନାମାଙ୍କନ କାଏମ ରହିଥିଲା। ମଙ୍ଗଳବାର ଶେଷ ଦିବସରେ ୨ ଜଣ

**ଯାଜିଗଲେ ଯଶ୍ମିନ, ସଂଯୁକ୍ତା: ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଲେ**

ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପରେ ଏବେ ୯ ଜିଲାପରିଷଦ ଜୋନ ପାଇଁ ମଇଦାନରେ ୩୮ ଜଣ ରହିଛନ୍ତି। ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ପକ୍ଷରୁ ସମସ୍ତ ୯ ଜୋନରେ ପ୍ରାର୍ଥି ଦେଇଥିବା ବେଳେ ସିପିଆଇ ୨ ଜୋନରେ, ସମୃଦ୍ଧ ଓଡିଶା ଓ ଆମ ଆଦମୀ ପାର୍ଟି ଜଣେ ଲେଖାଏ ପ୍ରାର୍ଥି ଦେଇଛନ୍ତି। ଟିକେଟ ବଣ୍ଟାକୁ ନେଇ ବିଜେଡିରେ ଅସନ୍ତୋଷ ଥିବା ବେଳେ ରାଜ୍ୟସ୍ତର ନେତାଙ୍କ ହସ୍ତକ୍ଷେପ ପରେ ଅସନ୍ତୁଷ୍ଟ ପାର୍ଥିମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ ୬ନଂ ଜୋନରେ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଭରିଥିବା ଜିଲା ବିଜେଡି ମହିଳା ସଭାନେତ୍ରୀ ଯଶ୍ମିନ ପ୍ରଧାନ ଓ ୫ନଂ ଜୋନରେ ସଂଯୁକ୍ତା ଭୋଇ।

## ଜଣେ ସମିତି ସଭ୍ୟ, ୧୫୫ ୱାର୍ଡ଼ସଭ୍ୟ ନିର୍ଦ୍ୱନ୍ଦ୍ୱ

**ସଇଁତଳା, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନରେ ୨୦ ସରପଞ୍ଚ ପ୍ରାର୍ଥି, ୧୧ ସମିତି ସଭ୍ୟ ପ୍ରାର୍ଥି, ୩୧ ୱାର୍ଡ଼ସଭ୍ୟ ପ୍ରାର୍ଥି ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସଇଁତଳା ବ୍ଲକର ୨୨ ପଞ୍ଚାୟତ ପାଇଁ ବର୍ତ୍ତମାନ ୯୯ ସରପଞ୍ଚ, ୮୨ ସମିତି ସଭ୍ୟ ଓ ୪୨୧ ୱାର୍ଡ଼ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆମ୍ବପାଲି ପଞ୍ଚାୟତର ସମିତି ସଭ୍ୟ ଭାବେ ବିଭିଷଣ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ବ୍ଲକର ସର୍ବମୋଟ ୧୫୫ ୱାର୍ଡ଼ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ବୀରମହାରାଜପୁର ବ୍ଲକ: ୨ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱ

**ଅମରପାଲି,୨୫।୧(ଡି.ଏନ.ଏ.)**



ଶାନ୍ତି ଲୁହା।



ଲିଲି ମେହେର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୨ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଘଟଣାଚକ୍ରରେ ଦୁଇ ଜଣ ଯାକ ମହିଳା ପ୍ରାର୍ଥିନୀ। ସେମାନେ ହେଲେ ଲୁଡୁରପଙ୍କ ପଞ୍ଚାୟତରୁ ଶାନ୍ତି ଲୁହା ଓ ସୁବଳୟାରୁ ଲିଲି ମେହେର। ସୁବଳୟାରୁ ଦୁଇଜଣ ପ୍ରାର୍ଥିନୀ ଥିଲେ। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ଜଣେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ଲିଲି ମେହେର ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି। ଲୁଡୁରପଙ୍କ ପଞ୍ଚାୟତରେ ସମାନ ସ୍ଥିତି ସୃଷ୍ଟି ହୋଇଛି। ଶାନ୍ତି ଲୁହା ହେଉଛନ୍ତି ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ନାରାୟଣ ଲୁହାଙ୍କ ଧର୍ମପତ୍ନୀ। ସରକାରୀଭାବେ ଘୋଷଣା ହୋଇ ନ ଥିଲେ ହେଁ ଉଭୟେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି।

## ଗୌଡ଼ଗାଡ଼ରେ କଂଗ୍ରେସର ମିଶ୍ରଣ ପର୍ବ

**ଅମରପାଲି,୨୫।୧(ଡି.ଏନ.ଏ.)**



ଗୌଡଗାଡରେ ଅନୁଷ୍ଠିତ କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ ନେତୃବର୍ଗ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଗୌଡଗାଡ ଗ୍ରାମରେ ମଙ୍ଗଳବାର କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ମିନକେତନ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବୀରମହାରାଜପୁର ଜୋନ-୨ର କଂଗ୍ରେସର ଜିଲା ପରିଷଦ ପ୍ରାର୍ଥି ରାଜଗୋପାଳ ପାଣିଗ୍ରାହୀ, ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ଓ ଜିଲା କଂଗ୍ରେସ ସଙ୍ଗଠନ ସମ୍ପାଦକ ସୁଧିର ପଣ୍ଡା ଯୋଗଦେଇଥିଲେ। ଚଳିତ ନିର୍ବାଚନରେ କଂଗ୍ରେସ ସପକ୍ଷରେ ମତଦାନ କରି ସମର୍ଥନ କରିବାକୁ ଲୋକଙ୍କୁ ନେତୃବର୍ଗ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୌଡଗାଡର କେତେଜଣ ବ୍ୟକ୍ତି କଂଗ୍ରେସରେ ଯୋଗଦେଇଥିବା ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ପ୍ରକାଶ କରିଛନ୍ତି।

## ନିର୍ବାଚନ ମଇଦାନରେ ୫୫୬ ପ୍ରାର୍ଥୀ

**ପାଇକମାଲ,୨୫।୧(ଡି.ଏନ.ଏ)**

ବରଗଡ ଜିଲା ପାଇକମାଲ ବ୍ଲକରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନରେ ମୋଟ ୧୭ ୱାର୍ଡମେମ୍ବର, ୧୪ ସରପଞ୍ଚ, ୯ ସମିତି ସଭ୍ୟ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ୫୯୬ ଜଣଙ୍କ ମଧ୍ୟରୁ ନିର୍ବାଚନ ମଇଦାନରେ ୫୫୬ ଜଣ ପ୍ରାର୍ଥୀ ରହିଛନ୍ତି । ଏହାସହ ୧୭୨ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୧ଟି ୱାର୍ଡ ପାଇଁ ପ୍ରାର୍ଥିପତ୍ର ପଡିନାହିଁ। ମୋଟ୍ ୨୨ ପଞ୍ଚାୟତରେ ୬୯ଜଣ ସମିତି ସଭ୍ୟ, ୧୦୭ ଜଣ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପକ୍ଷେ ପାଇକମାଲ ବ୍ଲକର ୩ଟି ଜିଲା ପରିଷଦ ଆସନ ପାଇଁ ଭାଜପା, କଂଗ୍ରେସ ଓ ବିଜେଡିରୁ ୩ଜଣ ଲେଖାଏଁ ପ୍ରାର୍ଥୀ ହୋଇଛନ୍ତି।

## ୯ ସରପଞ୍ଚ, ୩ ସମିତି ସଭ୍ୟଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

**ପଦ୍ମପୁର, ୨୫।୧(ଡି.ଏନ.ଏ)**

ବରଗଡ଼ ଜିଲା ରାଜବୋଡାସମ୍ବର ପଦ୍ମପୁର ବ୍ଲକର ସରପଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ଖଲିଆପାଲିର ଜାହ୍ନବୀ ପଟେଲ, ବୁଡାମାଲର ଅର୍ଚ୍ଚନା ଝାଙ୍କର, କଂସରର ସବିତା ବେହେରା, କନସିଂହାର ଗୋପାଳ ସେଟ, ଆଶୀଷ ବିଶି, ବରିହାପାଲିର ସତ୍ୟବାନ ପ୍ରଧାନ, ମହୁଲପାଲିର ଝିଲି ସାହୁ, ଛାନର ମନୋଜ ଜାଲ, ଦହିତାର ରଶ୍ମିତା ସୁନା ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ସେହିପରି ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ଭେଡ଼ରିଆର କୃଷ୍ଣଚନ୍ଦ୍ର ସେଟ, ମହୁଲପାଲିର ଚମ୍ପେକେଶ୍ୱର ପୁରୋହିତ, ଦହିତାର କେଶବ ସେଟ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜଣାପଡିଛି।

## ଜିଲା ପରିଷଦ ଆସନକୁ ନେଇ ଛକାପଞ୍ଝା

**ବରଗଡ଼ ଅଫିସ୍,୨୫।୧**

ବରଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ଭୋଟକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଚାଲିଛି। ଦଳୀୟ ଚିହ୍ନ ଭିତ୍ତିରେ ଭୋଟ୍ ହେଉଥିବା ଯୋଗୁ ଜିଲା ପରିଷଦ ଆସନ ଉପରେ ସବୁ ଦଳର ନଜର ରହିଛି। ଇତିମଧ୍ୟରେ ଭାଜପା ପ୍ରାର୍ଥିନୀ ବିନୋଦିନୀ ରାୟ ଓ କଂଗ୍ରେସ ପ୍ରାର୍ଥିନୀ ପଦ୍ମିନୀ ଭୁଏ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ବିଜେଡ଼ି ପ୍ରାର୍ଥିନୀ କଳ୍ପନା ପ୍ରଧାନ ମତଦାନ ପୂର୍ବରୁ ଜିଲାର ଅମ୍ବାଭୋନା ବ୍ଲକ ଜୋନ-୨ରୁ ନିର୍ବାଚିତ ହୋଇଥିବା ସ୍ପଷ୍ଟ ହୋଇଛି। ବର୍ତ୍ତମାନ ବରଗଡ଼ ଜିଲାରେ ୩୩ ଜିଲା ପରିଷଦ ଆସନ ପାଇଁ ନିର୍ବାଚନ ହେବ। ମିଳିଥିବା ସୂଚନା ଅନୁଯାୟୀ, ୩୪ ଜିଲା ପରିଷଦ ଆସନ ପାଇଁ ୧୨୧ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଥିଲା। ମଙ୍ଗଳବାର ସୁଦ୍ଧା ଏହି ଆସନ ମଧ୍ୟରୁ ୫ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ନିର୍ବାଚନୀ ମଇଦାନରେ ୧୧୬ ପ୍ରାର୍ଥୀ ରହିଛନ୍ତି। ଗତଥର ଜିଲା ପରିଷଦ ଗଠନ କରିବାକୁ ସକ୍ଷମ ହୋଇଥିବା ଭାଜପାକୁ ଚଳିତ ନିର୍ବାଚନ ମହଙ୍ଗା ପଡୁଥିବା ଆରମ୍ଭରୁ ସ୍ପଷ୍ଟ ହୋଇଛି। ଅମ୍ବାଭୋନା ବ୍ଲକର ଜଣେ ଭାଜପା ପ୍ରାର୍ଥିନୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ମଙ୍ଗଳବାର ଦଳର ପୂର୍ବତନ ଜିଲା ସଭାପତି ମଧ୍ୟ ଦଳ ଛାଡ଼ିଛନ୍ତି।

## ବଢ଼େଇ ସଂଘ ବୈଠକ

**ଲୋଇସିଂହା,୨୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରଠାରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ବଢେଇ(କାଠମିସ୍ତ୍ରୀ) ସଂଘର ବୈଠକ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଅତିଥିଭାବେ ଯୋଗଦେଇ ବନବିଭାଗର ଦୌରାତ୍ମ୍ୟ, ବଢେଇ ଓ ତାଙ୍କ ପରିବାର ପ୍ରତି ଗିରଫଦାରୀକୁ ନିନ୍ଦା କରିଥିଲେ। ରାଜ୍ୟ ସରକାର ବଢେଇମାନଙ୍କୁ ସହଯୋଗ କରିବାକୁ ଏହି ଅବସରରେ ସେ ନିବେଦନ କରିଥିଲେ। ବୈଠକରେ ଲୋଇସିଂହା, ଆଗଲପୁର ପୁଇଁତଳା, ତରଭା, ଡୁଙ୍ଗରିପାଲି, ତରଭା ଅଞ୍ଚଳର ବଢେଇମାନେ ଅଂଶଗ୍ରହଣ କରିଥିଲେ। ଲୋକମାନେ ଯୋଗାଉଥିବା କାଠରେ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବଢେଇମାନେ ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ବନ ବିଭାଗ ଚଢାଉ କରି ପ୍ରସ୍ତୁତ ସାମଗ୍ରୀ ଓ ସରଞ୍ଜାମ ଜବତ କରି ଜୀବିକା ଛଡାଇ ନେଉଛି। ଏହାଦ୍ୱାରା ପରିବାର ଚଳଣିରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସରକାର ସେମାନଙ୍କୁ ସହାୟତା ପ୍ରଦାନ ଦାବିରେ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ଜଣାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ପାଇଁ ସମ୍ମାନିତ

**ରାଉରକେଲା ଅଫିସ,୨୫।୧**

ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣାରେ ଲୋକଙ୍କୁ ଉଦ୍ଧାର କରି ଡାକ୍ତରଖାନା ପହଞ୍ଚାଉଥିବା ବ୍ୟକ୍ତିଙ୍କୁ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ମୁଖ୍ୟଅତିଥି, ଆରଟିଓ ବିଶ୍ୱଜିତ ବେହେରା, ଏମ୍‌ଭିଆଇ ପର୍ଶୁରାମ ସାହୁ, ଅତିରିକ୍ତ ଏସ୍‌ପି ମୋହନପାଣି କାରୁଆ, ଟ୍ରାଫିକ ଇନଚାର୍ଜ ଏସ୍. କେ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୭ ଜଣଙ୍କୁ ୨ହଜାର ଟଙ୍କା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ କାର୍ଯ୍ୟକ୍ରମର କିଭଳି ପ୍ରଚାର ପ୍ରସାର ହୋଇପାରିବ ସେ ନେଇ ଆରଟିଓ ବେହେରା ଆଲୋଚନା କରିଥିଲେ। ରାଉରକେଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

## କୁଆଁରମୁଣ୍ଡା ବ୍ଲକ: ମଇଦାନରେ ୨୩୦ ପ୍ରାର୍ଥୀ

**କୁଆଁରମୁଣ୍ଡା,୨୫।୧(ଡି.ଏନ.ଏ)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ହୋଇଛି। କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ୨୦ଟି ପଞ୍ଚାୟତର ମୋଟ ୨୭୧ଟି ୱାର୍ଡସଭ୍ୟ ଆସନରୁ ୧୫୭ଟିରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୩୮ଟିରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି ଓ ଅବଶିଷ୍ଟ ୭୬ଟି ୱାର୍ଡ ଖାଲି ପଡିଛି। ସେହିପରି ୧୧୩ ସରପଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ୫ଜଣ ନାମାଙ୍କନ ପ୍ରତ୍ୟାହାର କରିଥିବା ଯୋଗୁ ଅବଶିଷ୍ଟ ୧୦୮ ପ୍ରାର୍ଥୀ ନିଜ ନିଜ ପଞ୍ଚାୟତରେ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନୁରୂପ ଭାବେ ସମିତି ସଭ୍ୟ ନିମନ୍ତେ ମୋଟ ୮୯ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ନିଜ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବାରୁ ଅବଶିଷ୍ଟ ୮୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡ଼ିଛି।

## ବରଗଡ଼, ବଲାଙ୍ଗୀର ଗ୍ରୀଡ୍ ସବ୍‌ଷ୍ଟେଶନରେ ମରାମତି: ୨୭ରେ ବିଦ୍ୟୁତ୍ କାଟ

**ସମ୍ବଲପୁର,୨୫।୧(ବ୍ୟୁରୋ)**

ଓପିଟିସିଏଲ୍ ୧୩୨/୩୩ କେଭି ବରଗଡ ଓ ବଲାଙ୍ଗୀର ଗ୍ରୀଡ୍ ସବ୍‌ଷ୍ଟେଶନରେ ଆସନ୍ତା ୨୭ ତାରିଖରେ ବାର୍ଷିକ ମରାମତି କାର୍ଯ୍ୟ ହେବ। ସେଥିପାଇଁ ଉକ୍ତ ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ବରଗଡ ଓ ବଲାଙ୍ଗୀର ପଶ୍ଚିମ ବିଦ୍ୟୁତ୍ ଡିଭିଜନ ଅଧୀନ ପାଟଣାଗଡ, ଥାକପଡା, ଖପ୍ରାଖୋଲ, ଲାଠୋର, ବେଲପଡା, ଖୁଣ୍ଟ, ଜରିଆ, ଟେଣ୍ଟାପଥର, ଘୁମେର, ଧୂମାଭଟା, ଲରମ୍ବାବାହାଲ, ପଦମପୁର ଟାଉନ, ଗାଇସିଲେଟ, ବୋଡେନ, ବରିକେଲ, ବାଦିକେଣ୍ଟା, ସିଲେଟପାଲି, ଜାମଟାଲ, ଡଙ୍ଗାଛିଁଛ, ଲେବିଡି, ଫଳିଙ୍ଗିମାଲ, ବୁରୋମୁଣ୍ଡା, ତାଳପାଲି, ପାଇକମାଲ, ଝାରବନ୍ଧ, ମାନଷ୍ଡୋସିଲ, ଝିକେି, ଡୋଭା ଓ ଡୁଙ୍ଗୁରିପାଲି ଅଞ୍ଚଳ ପ୍ରଭାବିତ ହେବ। ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

Utkalika
**ODISHA STATE CO-OPERATIVE HANDICRAFTS CORPORATION LTD.**
Jayadev Vatika Square, Ghatikia, Khandagiri, Bhubaneswar-30

**QUOTATION CALL NOTICE**

Sealed quotations are invited from Buyers & Sellers / Reputed Firms dealing in old / used official furniture & fixtures and electrical itmes etc. Interested parties may apply by **01.02.2022 (7)** days along with their supporting documents like PAN No & GST registration etc. with their highest rates for purchase of the above materials on inspection of the same lying at our Branch Office located **Utkalika, Sector-5, Rourkela**. The selected Buyers/Sellers wil lift the materials on **"as is where is basis"**. The quotation should be submitted complete in all respect to the **Branch-In-Charge, Utkalika, Sector-5, Rourkela** on or before **01.02.2022 by2.00 P.M.** and will be opened on the same day at **3.00 P.M.** in the presence of the bidders or their authorized representative. The undersigned reserves the right to accept or reject any or all the quotations without assigning any reason thereof.

Sd/- Managing Director

**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 743/P.S.C. Dt.25.01.2022
1E-07-2021/22 (DR-III)

No. D-291: It is for information of all concerned that **Computer Based Recruitment Examination (CBRE)** for recruitment to the post of **Assistant Soil Conservation Officer in Class-II (Group-B),** pursuant to Advertisement No. **13 of 2020-21** will be held on **06.03.2022 (Sunday)**.
The detailed programme of examination will be notified shortly.
The candidates are advised to visit **(www.opsc.gov.in)** the wesbite of the Commission regularly for further information on examination related Notice(s).

OIPR-12002/11/0226/2122 Sd./- Secretary

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
**1st Corrigendum to Bid Identification No. CE-W.B.P. (O) - 27/2021-22**
File No. P-IM-Misc. 10/2008 (Pt.)

No. B-1010: Following changes are made for the work at Sl. No. 01 to Sl. No. 20 of IFB vide Bid Identification No. CE-W.B.P. (O) - 27/2021-22.

| Reference Sl. No. of IFB | Items | Original | Revised as |
|---|---|---|---|
| 1 | 2 | 3 | 4 |
| Para - 04 | The Bid documents will be available in the website: **https://tendersodisha.gov.in** from | 12.01.2022 at 10.00 hours | 28.01.2022 at 10.00 hours |
| Para - 06 | Bids shall be received only "Online" on or before | 31.01.2022 upto 17.00 hours | 14.02.2022 upto 17.00 hours |
| Para - 07 | Bids received online shall be opened at | 11.30 hours on 01.02.2022 | 11.30 hours on 15.02.2022 |

All other terms and conditions remain unchanged.

Sd./- Chief Engineer
World Bank Project, Odisha
OIPR-34003/11/0045/2122